ସୁକାନ୍ତ ସାହୁ

ନିଆଁ

ପେଟ ଓ ପେଟତଳର

Digitized by PPRACHIN, SOA

Digitized by PPRACHIN, SOA

ନିଆଁ

ସୁକାନ୍ତ ସାହୁଙ୍କ ଉପନ୍ୟାସ

ପ୍ରକାଶକ : ସମୟର ଆକାଂକ୍ଷା

ପ୍ରଥମ ସଂସ୍କରଣ : ୨୦୧୩

NIAAN
Odia Novel
by **Sukant Sahu**

Published & Printed by **Samayara Aakankhya**
A & A Soft Solutions
2nd floor, No 309, M.G.Road
Muthialpet, Puducherry - 605 003

Cover & Book Design : Sangram

first edition : **2013**

₹ 25.00

Digitized by PPRACHIN, SOA

ବିଳାସିନୀମାନଙ୍କୁ

ଜୀବନରେ ଜୟୀହେବାପାଇଁ ସଂଗ୍ରାମ
ଜାରିରଖିଥିବା ଅଗଣିତ ନାରୀ
ହିଁ ବିଳାସିନୀ

Digitized by PPRACHIN, SOA

୧୯୯୬

୨୦୦୫

୨୦୧୧

୨୦୧୩

ସୁକାନ୍ତ ସାହୁଙ୍କ ପ୍ରକାଶିତ ଗଳ୍ପ ପୁସ୍ତକ

Digitized by PPRACHIN, SOA

ଏକ୍ସା

ଠୁମରି ଚାଲିଗଲାଣି ଦି' ମାସ ହେଲା । ହାଡଭଙ୍ଗା ଶୀତରେ ଆଗ୍ରାର ତାଜମହଲ ବୁଲିଯିବାବେଳେ କେଉଁ ଶାହାଜାନ୍‌ର ବାହୁପାଶରେ ହଜିଯାଇଛି ସେ । ପୋଲିସର ଚିଲଆଖି ଆଉ ସାମ୍ବାଦିକଙ୍କ ଶାଗୁଣା ଦୃଷ୍ଟିରୁ ବି ବର୍ତ୍ତିଯାଇଛି ସେ ।

ସେ ଆଉ ଫେରିବନି ।

ବିଳାସିନୀ ଆକାଶକୁ ଅନେଇ ଆଖି ଭିତରେ ପି' ଯାଉଥିଲା ସେଇ ଅଦୃଶ୍ୟ ଲୁହ । ଠୁମରି ଚାଲିଗଲା ଦୁଃଖ ଲାଗୁନି, ଦୁଃଖ ଲାଗୁଛି ବିମାନର କଥା । ବିମାନ ବି ଚାଲିଯିବ ।

ବିମାନ ପଡିଶା ଘରର ସେଇ ବିଧବା ପଇଁତ୍ରିଶ ବର୍ଷର ନାରୀର ବୋଲହାକ କରୁଛି ସେ । ତା' ପାଇଁ ଖୈନୀ ଆଉ ଚୁନ ଆଣିଦେଉଛି । ତା'ର ଶଙ୍ଖାଚୁଡ଼ି ସବୁଦିନ ରିକ୍ସାରେ ଲଦିଦେଉଛି । ଲୈଲା, ବିଧବା ହେବାର ଦି'ବର୍ଷ ହେଲାଣି ।

Digitized by PPRACHIN, SOA

ତା' ସ୍ୱାମୀ ଫକୀରରର ବୋଲହାକ କରୁଥିଲା ବିମାନ । ଚୁଡି ବିକିବା କାମ ଲୈଲାର ।

ବିଳାସିନୀର ସ୍ୱାମୀ ଚନ୍ଦୁଲାଲ । ଚନ୍ଦୁଲାଲ ସେଇ ପେଠା ତିଆରି କାରଖାନାରେ ମିସ୍ତ୍ରୀ । ଚନ୍ଦୁଲାଲ ସହ ଅନ୍ୟ ସ୍ତ୍ରୀ ଲୋକମାନେ ବି କାମକରନ୍ତି । ଚନ୍ଦୁଲାଲ ସେମାନଙ୍କ ଗାଲ ଛୁଇଁବା, ହାତ ଛୁଇଁବା ଓ ପିଚାରେ ଚାପୁଡ଼ାମାରିବା ବିଳାସିନୀ ଦେଖିଛି । ଚନ୍ଦୁଲାଲ ଭଲଲୋକ ନୁହେଁ ।

ଚାଳିଶ ବର୍ଷ ବୟସରେ ଦଲାଲ ଠୁଁ ଚନ୍ଦୁଲାଲ ବିଳାସିନୀକୁ ଷାଠିଏ ହଜାର ତିନିଶହବାର ଟଙ୍କାରେ କିଣିଥିଲା ।

ସିନାପାଲିର ଅଂକୁର ମିସ୍ତ୍ରୀ । ଅଂକୁର ମିସ୍ତ୍ରୀ ଆଗ୍ରାରେ ରାଜମିସ୍ତ୍ରୀ କାମକରେ । ଢେର୍‌ଦିନ ହେଲା ଅଂକୁର ମିସ୍ତ୍ରୀ ଦିଶୁନାହିଁ । ମଝିରେମଝିରେ ଆସି ସେ ଏଇଠି ଦି'ଟା କେକ୍ ଆଉ କପେ ଚା' ପି' ଯାଉଥିଲା । ପଚାରି ଯାଉଥିଲା : ସୁରୁନନୀ କେନ୍ତା ଅଛ ?

ସେଇ ଅଂକୁର ମିସ୍ତ୍ରୀ, ଦଲାଲ ହେଲେ ବି ବିଳାସିନୀ ତାକୁ ବାପା ଭଳି ଭଲପାଏ । ସେଦିନ ରାତି ବାରଟାରେ ଘରର ସବୁଲୋକ ଅଂଧାର ଭିତରେ ଅଂକୁରକୁ କହିଥିଲେ : "ତୁ ସୁରୁନନୀ କେ ନେଇ ଯା', ଯେଉଁଠି ଯାହା କରିବାର ଅଛି ତୋର କର ।" ସମସ୍ତେ ଯେ ଯାହାର ଆଶ୍ୱସ୍ତହେଲା ବେଳକୁ ମା' ଦାଣ୍ଡକବାଟଟାକୁ ଭିଡିଧରିଥିଲା ଯେମିତି ସେ ବିଳାସିନୀର ବାଁ ହାତକୁଧରି ଅଟକାଇଦେଉଛି । କଥା ନକହି ନଚିଲ୍ଲେଇବି ତା' ଛାତିଫାଟି ଆଖି ଦେଇ ଝରିଗଲା ରକ୍ତ । ଜେଜିମା' ବୁଢୀ, ତା' ମୁଣ୍ଡ ସେତେବେଳେ କାମ କରୁନଥିଲା । ସେ ବି ପାଟିକରି କହିଲା : ଆରେ ପ୍ରହ୍ଲାଦ ଅଟକା ତାକୁ ରାତିଟାରେ ଏମିତି ପଠେଇଦେଉଛୁ କାହିଁକି ?

ସେଇ ରାତିର ଅଳ୍ପ କୋଳାହଳ ଓ ଲଣ୍ଠନ ଆଲୁଅର ଛାଇଛାଇକା ଦୃଶ୍ୟ ହିଁ ବିଳାସିନୀର ଶେଷସମ୍ବଳ । ଚନ୍ଦୁଲାଲ - ବିମାନ- ଠୁମରି ଭିତରେ ଅନେକଥର ଅନେକ କିଛି ଦେଖିଛି, ଅନେକ କିଛି କହିଛି । ଅନେକ କିଛି ଘଟିଛି ସେଇ ଭିତରର ଦୁନିଆରେ ।

ଖରିଆର ରୋଡରୁ ଦି'ଟା ପାସେଞ୍ଜର ଟିକଟ୍‌କାଟିଲା ପରେ ଅଂକୁର ବିଳାସିନୀର ହାତଧରି ଉଠିଗଲା ଠେଲାପେଲା ହେଇ ପାସେଞ୍ଜର ବଗି ଭିତରକୁ ।

Digitized by PPRACHIN, SOA

ସାଙ୍ଗରେ ଆଣିଥିବା ଏୟାର୍‌ବେଗ ଉପରେ ବିଳାସିନୀକୁ ବସେଇଦେଇ ନିଜେ ବସିପଡିଲା ତା' ଚପଲ ଉପରେ । ଆଖିଟେକି ବିଳାସିନୀ କାବା ହୋଇଗଲା କୁକୁଡାବୁହା ଗାଡିରେ ଥାକଥାକ ହେଇ ଲଦାହେଇଥିବା କୁକୁଡାମାନ ତାଙ୍କ ଲାଲ ଥଣ୍ଟିମାନ ବାହାରକୁ ଲମ୍ବେଇଥିବା ପରି ଲୋକେ ଲଦା ହେଇଥିଲେ ସେଇ ବଗିଟିରେ । ବିଳାସିନୀ କେବେ ଟ୍ରେନରେ ବସିନଥିଲା ।

ବିଳାସିନୀ ଆଡକୁ ସେଇ ବଗିରେ ବସିଥିବା ପଚାଶ ଷାଠିଏ ଆଖି ଅନେଇଥାନ୍ତି ତା' ଗୋରାଗୋରା ମୁହଁ ଆଉ ଉଞ୍ଚାଉଞ୍ଚା ଛାତିକୁ । ଦଶବାର ଆଖି ବି ତା' ପିଠି ଓ ପିଚାରେ ଲାଗିଯାଇଥିଲେ । କାହାକୁ ଲୁଚେଇବ ସେ, ତାକୁ ଭାରି ଡରମାରିଲା । ଅଂକୁରକୁ କହିଲା : କକା ମତେ ଡର୍ ଲାଗୁଛେ ।

ଅଂକୁର କହିଲା : "ନାଇଁ ଡର ନନୀ ମୁଇଁ ଅଛେଁ ଗୋ ।" ସେଇ ରାତିର ଅନ୍ଧାର ଚିରି ଟ୍ରେନଟା ଚାଲିଲା କେଉଁ ଅଜଣାମୂଲକ ଆଡକୁ ଗୋଟିଏ ଜଙ୍ଗଲୀ ସାପପରି । ବିଳାସିନୀ ସେଇ ଏୟାର୍‌ବ୍ୟାଗ ଉପରେ ଚାପିଚୁପି ହୋଇ ବସିଥାଏ । ଅଂକୁର ମିସ୍ତ୍ରୀ ବି ଭୋଗ ଜଗିଥିବା ଡାହାଣା ପିଲାପରି ବସିଥାଏ, ବିଳାସିନୀକୁ ଅନେଇ । ବିଳାସିନୀ ଅଂକୁର ଆଡକୁ ଯେତେବେଳେ ଅନେଇଦେଇଛି ସେ ଭିତରେ ତା' ବାପା ଦିଶିଯାଇଛନ୍ତି ତ କେତେବେଳେ ତା' ସ୍ୱାମୀ ପ୍ରବୀଣ ଦିଶିଛି ।

ପ୍ରବୀଣ କଥା ମନେପଡିଲା ବେଳକୁ ବିଳାସିନୀର ଦେହ ଶିରିଶିରେଇ

Digitized by PPRACHIN, SOA



Digitized by PPRACHIN, SOA

ଉଠେ । ସେତେବେଳେ ତାକୁ ଅଠର ବର୍ଷ ହେଇଥାଏ । ଗାଁ ସ୍କୁଲରୁ ତିନିଥର ମାଟ୍ରିକ ଫେଲ୍ ହେଲାପରେ ବାପା କହିଲେ : ଏଇଟା କୋଉ କୂଳର ନୁହେଁ, ଆ'କୁ ବାହାକରେଇଦେଲେ ଗଲା । ମାଆ ବି ବାପାଙ୍କ ସ୍ୱରରେ ସ୍ୱର ମିଳେଇଲା । କହିଲା : ନିଆଁକୁ ଆଉ ବେଶୀ ଦିନ ଅଣ୍ଟିରେ ରଖିହେବନି । ଯେତେ ଶୀଘ୍ର ହାତରୁ ଦି' ହାତକରିବ ତ ଭଲ ।

ମାଆବାପାଙ୍କ ବିରକ୍ତି ପଛରେ ଗୋଟିଏ କାରଣ ଥିଲା ବଇନ । ବଛନ କଟକିଆ ପିଲା । ତା' ବାପା ବିଳାସିନୀର ଗାଁରେ ବାସନ ବ୍ୟବସାୟ କରୁଥିଲା । ବଇନ ଦି'ଟା ଉପର ଶ୍ରେଣୀରେ ପଢୁଥିଲା ବିଳାସିନୀଠାରୁ ।

ବିଳାସିନୀ ବଛନକୁ ଭଲପାଉଛି ବୋଲି ଲୋକେ କହୁଥିଲେ । ସେ ପରେ ଜାଣିଲା ଯେ ବଛନ କୁଆଡେ ତା' ସାଙ୍ଗମାନଙ୍କୁ ଜଳଖିଆ, ଚା' ଖୁଆଇ

Digitized by PPRACHIN, SOA

ବିଳାସିନୀ କେମିତି ତାକୁ ଭଲପାଉଛି ବର୍ଣ୍ଣନା କରୁଥିଲା । ସମସ୍ତଙ୍କ ଆଗରେ ତା’ ପ୍ରେମକାହାଣୀ କହି ବଇନ ନିଜକୁ ଅମିତାଭ୍ ପରି ହିରୋ ବୋଲି କହିହେଉଥିଲା ।

ବିଳାସିନୀ ଦେହର ରଙ୍ଗ ସେତେବେଳେ କଞ୍ଚାହଳଦୀର ରଙ୍ଗ ପରି । ତା’ ଝିଲିପିକଟ୍ ବାଳକୁ, ଛୋଟଛୋଟ କଳା ଆଖିଦି’ଟା ହରିଣର ଆଖିପରି ଦିଶୁଥିଲା । ସେତେବେଳେ ତାକୁ ସ୍କୁଲରେ ସଭିଏଁ ଆଦର କରୁଥିଲେ, କାହିଁକି ନା ସେ ଭଲ ଗୀତଗାଉଥିଲା । ତା’ର ସୁରଖଣ୍ଡିକ ସଭିଙ୍କୁ ଆକର୍ଷିତ କରୁଥିଲା । ସ୍କୁଲର ଗୀତ ପ୍ରତିଯୋଗିତାମାନଙ୍କରେ ସେ - ହେ ମେରେ ୱତନ୍ କି ଲୋଗୋ... ଗାଇଲାବେଳେ ଲାଗୁଥିଲା ଯେମିତି ଲତାଙ୍କ ପିଲାଦିନର ଅବତାର ବିଳାସିନୀ ।

ବାପାମାଆ ଦିହେଁ ପାଠ ପଢିଥିଲେ, ସେମାନଙ୍କ ଦୃଷ୍ଟି ଭୂଗୋଳ ବହିର ସେଣ୍ଟର ସ୍ପ୍ରେଡ୍‌ମ୍ୟାପ୍ ପରି ବିଶାଳ ହୋଇଥାନ୍ତା । କିନ୍ତୁ ସେମାନେ ସେଇ କେଶବକୋଇଲି ଭିତରେ ସୀମିତଥିଲେ । ବାପାଙ୍କର କୌଳିକବୃତ୍ତି ସୂତା କାଟିବା କିନ୍ତୁ ଲୁଗାବୁଣିବା ନୁହଁ । ଜାତିରେ ସେ କୁଳୀନ ବ୍ରାହ୍ମଣ । ହେଲେ ତାଙ୍କ ଜାତି କୋଉଠି ରହିଥିଲା ଏଇ ଗାଁରେ । ଯେଉଁ ଗାଁର ଲୋକେ ସୂତାକାଟିବା ଓ ଲୁଗାବୁଣିବାରେ ତାଙ୍କ ଅତୀତ ଓ ବର୍ତ୍ତମାନକୁ କାଟିଥିଲେ । ସେଠି ସୂତା କାଟିବାର କଳାକୌଶଳ ଶିଖି ଯାଇଥିଲେ ସମସ୍ତେ । ତୁଳାକୁ ଖିନଭିନ୍ କରିକରି ଭିଣିବା,ତାକୁ ସୂତାକାଟିବା ସେମାନଙ୍କ କାମ । ତୁଳାକୁ ତାକୁଡିରେ ପୁରାଇ ଏମିତି ଘୂରାନ୍ତି ବିଳାସିନୀର ବାପା ପ୍ରହ୍ଲାଦ ଯେ, ଲାଗେ ସତେ ଯେମିତି ସେ ଜଣେ କୁଳୀନତନ୍ତୀ ।

ସୂତାକାଟିବା, ସୂତାବିକିବା, ଲୁଗାବୁଣିବା ଆଉ ଚାଷ ସମୟରେ ଝୋଟ, କପାଚାଷ କରିବା ତାଙ୍କ କାମ । ହେଲେ ଦି’ଓଳି ମନ୍ଦିରରେ ଠାକୁରଙ୍କୁ ଡାକିବା ବି ତାଙ୍କ କାମ ।

ଠାକୁରଙ୍କୁ ଡାକୁଥିବାର ଯେବେଯେବେ ବାପାଙ୍କୁ ଦେଖିଛି ସେ, କହିଛି : ବାପା, ତମେ ତ ଦି’ ଓଳି ଠାକୁରଙ୍କୁ ଡାକ, କ’ଣ ମାଗ ତାଙ୍କୁ ? ପ୍ରହ୍ଲାଦ କହନ୍ତି : ମୋର ତ ସବୁବେଳେ ଠାକୁରଙ୍କ ଠେଇଁ କାମ । କ’ଣ ଆଉ ମାଗିବି ? ଯାହା ଯଜମାନ ମାଗନ୍ତି ତାକୁ ଠାକୁରଙ୍କୁ ଜଣାଇଦିଏ । ଲୋକଙ୍କ ପାଇଁ ମାଗିମାଗି ମୋର ଆଉ ମାଗିବା ଦରକାର ପଡୁନି ।

ବଇନର ପ୍ରଚାର ଥିଲା ରାଜନୈତିକ ଦଳର ଭୋଟ ପ୍ରଚାରପରି । ବାପା

Digitized by PPRACHIN, SOA

ବିଳାସିନୀକୁ ଆଉ ସ୍କୁଲ ପଠେଇଲେ ନାହିଁ । ତା' ପାଠପଢା ସେଇଠି ରହିଲା । ତା' ସାଙ୍ଗମାନେ ସ୍କୁଲ ୟୁନିଫର୍ମ ପିନ୍ଧି ସାଇକେଲ୍‌ରେ ଯିବାର ଦେଖିଲେ ବିଳାସିନୀ ମନ ଫାଟିଯାଏ । ତାକୁ ଭାରି କାନ୍ଦମାଡେ, ହେଲେ ମାଆର ଗାଳିଶୁଣିବା ଆଗରୁ ସେ ଚାଉଳରୁ ଗୋଡି, ଧାନ, ଚଷ୍ଟୁ ଓ ମଲାଚାଉଳ ଗୋଟାଇପକାଏ ।

ବଇନ ତାଙ୍କ ପରିବାରର ସରଳ ବିଶ୍ୱାସକୁ ନେଇ ଘରେ ପଶିଲା । ଆଉ କିଣିଆଣିଲା ତା'ପାଇଁ ଡ୍ରେସ୍, ମାଆ ପାଇଁ ଶାଢୀ, ଜେଜେମାଆ ପାଇଁ କମ୍ବଳ । ବାପାକୁ ବାପା, ମାଆକୁ ମାଆ ଡାକି ଘରର ହେଇଗଲା ସେ ପୁଅ ।

ତା'ସହ ସେ ବୁଲିଛି ରାଣୀପୁର ଝରିଆଲର ଚଉଷଠି ଯୋଗିନୀ ପୀଠ, ମାରାଗୁଡ଼ା ଉପତ୍ୟକା, ବୁଲିଛି ଖରିଆର ରୋଡ୍, ବାପାମାଆଙ୍କ ସହିତ ବଇନକୁ ନେଇଯାଇଛି ରାୟପୁର ।

ଅବଶ୍ୟ ସେଇଦିନ ଘରେ ଝଡ ଉଠିଲା, ଯେଉଁଦିନ ବଇନ – ବିଳାସିନୀର ପ୍ରେମ ସଂପର୍କକୁ ନେଇ ବାପାଙ୍କୁ ବଇନର ବାପା ବେଇଜିତ୍ କଲା । ସେତେବେଳକୁ ବିଳାସିନୀ କୁଆଁରୀ ମାଆ ହେବାକୁଯାଉଥାଏ । ବଇନ ସହ ତା' ମାଆ ମିଶି ତାକୁ ନେଇଗଲେ ରାୟପୁର । ସେଇଠି ଗୋଟେ କ୍ଲିନିକ୍‌ରେ ତା' ପେଟର ଛୁଆକୁ ସଫା କରିଦେଲେ । ୱାସ୍ କରିବା ପରେ ବଇନ ପାଗଳଙ୍କ ପରି ଦିଶୁଥିଲା । ମାଆ ଦିଶୁଥିଲା ତୋଫା ମେଘମୁକ୍ତ ଆକାଶପରି ଖୁସି ଆଉ ବିଳାସିନୀ ନିଜେ ଯନ୍ତ୍ରଣା ପାଉଥିଲା ଅଣ୍ଟା, ପେଟ ଓ ଛାତିରେ ।

ମାଆ ଘରେ ପହଞ୍ଚି ବିଳାସିନୀକୁ ବାହା କରେଇବାକୁ ଜିଦ୍‌ଧରି ବସିଲେ ଘର ଦୁଆରମୁହଁରେ । ବାପା ବି କରନ୍ତେ କ'ଣ ? ବିଳାସିନୀ – ବଇନର ପ୍ରେମକଥା ପସାରୁଣୀ ଫୁଲର ବାସ୍ନା ପରି ଉଦ୍‌ଭଟ ହୋଇସାରିଥିଲା ସମଗ୍ର ଅଞ୍ଚଳରେ । ସେଥିପାଇଁ ସେ କାହାକୁ ବିଳାସିନୀର ବିବାହ ପାଇଁ କହିପାରୁ ନଥିଲେ ।

ଦୂରରେ ଥିଲେ ସଂପର୍କୀୟ ସବୁ । ସେଇ ସବୁଙ୍କୁ କାନ୍ଦିକାନ୍ଦି ଅନୁନୟ

Digitized by PPRACHIN, SOA

ତିନି

ବିନୟହୋଇ କହିଲେ ବିଳାସିନୀର ବାପା : ଭାଇ, ଯେମିତି ହେଉ ପାତ୍ରଟିଏ ଠିକ୍ କରିଦିଅ । ନଚେତ୍ ଅପମାନର ନିଆଁ ଆମ ପରିବାରକୁ ଧ୍ୱଂସକରିଦେବ । ନିଜେ ଏଣ୍ଡ୍ରିନ୍ ପିଇଦେବି, ସମସ୍ତଙ୍କୁ ପିଆଇଦେବି ।

ସତୁ ମୁରଲୀବାବୁ ଟ୍ରକ୍ ଡ୍ରାଇଭର୍ । ଭାରତର ସବୁ ରାସ୍ତା ସେ ଜାଣନ୍ତି । ମନ୍ଦିରଠୁଁ ଦାଲ୍‌ଗଲିର ହାଲ୍ ସବୁ ତାଙ୍କ ମୁହଁରେ । ମୁରକିହସା ଦେଇ ତାଙ୍କ ମାଗୁର ନିଶକୁ ହଲାଇ କହିଲେ : ହଁ ଯେ ସତୁ, ସେ ପିଲାଟା ଗୋଟେ ପ୍ରାଇଭେଟ୍ ଲୋକର ବୋଲେରୋ ଚଳାଉଛି, ତାକୁ କ'ଣ ତମେ ବାହା କରେଇବ ?

– ହଁ, ତମେ ବୁଝ ।

– ବୁଝିବି କ'ଣ, ସେ ପା' ମୋ ପାଖରେ ଅଛି । ହେଲେ ତା'ର ପ୍ରକୃତିଟି ଖରାପ । ମଦପାଣି କରେ ।

Digitized by PPRACHIN, SOA

- ଛାଡ ଭାଇ, ନିଶା କ'ଣ ଆଉ ଭାତ ହେଉଛି । ଲୋକ ତ ଫେର୍ ଭାତ ଛାଡୁଛନ୍ତି ।

- ସେପରି କଥା ଯଦି, ଆଜିକ ରହିଯାଅ । କାଲି ତା' ଘରକୁ ଯିବା ।

ବସ୍‌ରେ ବସି ଦିହେଁ ଚାଲିଲେ, ଆରଦିନ । ପ୍ରାୟ ପଚାଶ କିଲୋମିଟର ପରେ ସେ ଗାଁ । ସେଇ ଗାଁକୁ ଯିବା ପାଇଁ ପାରିହେବାକୁ ପଡ଼ିଛି ଅନେକ ନଦୀ, ନାଳ, ପାହାଡ, ଗାଁ, ସହର । ସେଇଟି ଗୋଟେ ଛୋଟିଆ ଗାଁ । ସେଇ ଛୋଟିଆ ଗାଁରେ ଥିଲା ଗୋଟିଏ ବିଶାଳ ଘର, ବିଶାଳ ପାଚେରୀ, ବିଶାଳ ଖଳା, ବିଶାଳ ଧାନ ଗଦା । ସବୁ ଦେଖି ବିଳାସିନୀର ବାପା ଆଁକରି ଅନେଇରହିଲେ ଆଁ, ବିଳାସିନୀର ଭାଗ୍ୟ ଏତେ ବିଶାଳ ।

ବାହାରୁ ଏସବୁ ଦେଖି ପ୍ରହ୍ଲାଦ ଯେତିକି ଚକିତ ହୋଇନଥିଲେ । ଭିତରକୁ ଦେଖି ତାଙ୍କ ଆଖିଖୋସି ହୋଇଗଲା । ଏ'ଟା ଘର ନୁହଁ ତ ଇନ୍ଦ୍ରଭୁବନ । କ'ଣ ନାହିଁ ଏଠି, ପାଣିପମ୍ପ, ଆଟାଚ୍ ପାଇଖାନା, ଆଧୁନିକ ରୋଷେଇଘର । ଘର ଭିତରେ ଟି.ଭି., ସୋଫାସେଟ୍, ସବୁ ଦେଖି ସେ ଧରିନେଲେ ପକ୍କା, ପୁରା ପକ୍କା ଏଇଠି ଝିଅକୁ ଦେବେ । ଚାକରବାକର ଦେଖି ଭାବିନେଲେ ସତରେ ବିଳାସିନୀ ଏଇଠି ବିଳାସ କରିବ ।

ବସିଲେ ଭଲ ଲୋକି, ବସିଲେ ମଧ୍ୟସ୍ଥି, ବସିଲେ ସାହିଭାଇ ପାଞ୍ଚପଚିଶ, ବସିଲେ ତା' ଘରର ମୁରବୀ । ସେଇଠି ପକ୍କା ହେଲା ସିନାପାଲିର ପ୍ରହ୍ଲାଦ ମିଶ୍ରେଙ୍କ ଝିଅ ବିଳାସିନୀ ଏ ଘରର କନିଷ୍ଠ ପୁତ୍ରବଧୂ ହେବ । ମନ୍ତ୍ରପାଠ ଭିତରେ ଟେକିଦେଲେ ସମୁଦୀ ସମୁଦୀଙ୍କୁ ସ୍ୱୀକାର ।

ଘରକୁ ଫେରିଗଲେ ପ୍ରହ୍ଲାଦ ଆଉ ସାଙ୍ଗରେ ନେଇଗଲେ ଅନେକ ସ୍ୱପ୍ନ । ମୁରଲୀବାବୁଙ୍କୁ ଧନ୍ୟବାଦଟେ ଜଣେଇଦେଲେ ମୁହଁରେ, ଆଉ ମନେମନେ ଅଜସ୍ର ଧନ୍ୟବାଦ ଦେଲେ ଭଗବାନଙ୍କୁ । ଭଗବାନ, ଏମିତି ଫେରେ ତା' ଲୀଳା, ଏମିତି ଘରଟିଏ ଅପେକ୍ଷାରେ ଥିଲା ମୋ ବିଳାସିନୀ ପାଇଁ, ଏକଥା ଭଗବାନଙ୍କୁ ଧନ୍ୟବାଦ ଦେଉ, ଦେଉ ବିଳାସିନୀର ମାଆ ଓ ଜେଜେମା'ଙ୍କୁ ବି ଜଣେଇ ଦେଲେ ।

ସବୁ ସେଇ ପ୍ରଭୁଙ୍କ ଇଚ୍ଛା କହି ବୁଢ଼ୀ ହାତ ଟେକିଲେ ସୂର୍ଯ୍ୟଙ୍କ ଆଡକୁ ।

ଶେଷରେ ଦିନେ ବିଳାସିନୀ ବହୂ ହୋଇ ସେ ଘରେ ପହଞ୍ଚିଗଲା ।

Digitized by PPRACHIN, SOA

ଚାରି

ପ୍ରବୀଣ ଭଳି ଜଣେ ବାରବୁଲା ପୁଣି ବାନ୍ଧି ହୋଇଗଲା ବିଳାସିନୀର ପଣତରେ । ମଦକୁ ପଛ କରିଦେଲା, ସାଙ୍ଗସାଥୀଙ୍କୁ ପଛକରି ରହିଲା ଗାଁରେ । ବିଳାସିନୀର ହାତରନ୍ଧା ଖାଦ୍ୟ, ଆଉ କଞ୍ଚାହଳଦି ଦେହର ସ୍ପର୍ଶ ପ୍ରବୀଣକୁ ମାଲୁଣୀ ଗଦ ପରି କାବୁକରି ନେଲା ।

ଘରର ମୁରବୀ ଶ୍ରେଣୀୟ ଲୋକ, ଟାହିଟାପରା କରିବା ଲୋକେ ପ୍ରବୀଣକୁ କହିଲେ : ହଁ, ରକ୍ତମାଂସର ଗାଡି ପାଇଲେ, ନିର୍ଜୀବ ଗାଡି ଚଳାଇବାକୁ କୋଉ ଡ୍ରାଇଭର ବା କାହିଁକି ଚାହିଁବ ?

ଗାଡିମାଲିକର ଘନଘନ ଫୋନ୍ ପରେ ପୁଣି ଚଢିଲା ଗାଡିରେ ପ୍ରବୀଣ । ହେଲେ ବେଳକାଳ ମିଳିଲେ, ତା' ଗାଁ ପାଖର ଭଡାମିଳିଲେ ଦି'ଟଙ୍କା ଶସ୍ତାରେ ସେ ପଟିଯାଏ ଆଉ ରାତି ବାରଟା ଗୋଟାଏରେ ତା' ଗାଡିକୁ ଖଳାରେ ଲଗାଇ,

Digitized by PPRACHIN, SOA

ପାଣିପିଇ ଶୋଇଯାଏ ବିଳାସିନୀ ପାଖରେ । ଶୋଇଯାଏ କହିଲେ ଭୁଲ୍ ହେବ, ମାତିଯାଏ ରସରଙ୍ଗରେ ।

ପ୍ରବୀଣ ଥିଲା କାମଖୋର୍, ବିଳାସିନୀ ବି । କାମର ନିଶାଦିହିଁଙ୍କୁ ଅନ୍ଧ କରାଇଦିଏ ଆଉ ରାତି କେମିତି ପାଏ ଜଣାପଡେନା । ଦିହେଁଦିହିଁଙ୍କ ବାହୁଫାଶରେ ହଜନ୍ତି, ମଜନ୍ତି । ପରସ୍ପରକୁ ଅହରହ ଲୋଡନ୍ତି । ଯେମିତି ଦିହେଁ ଅବୁଝା ଶୋଷ ।

ବିଳାସିନୀ ଭୁଆସୁଣି ଭାବରେ ଫୁଟେଇପାରିଛି ନିଜର ରୂପ । ଆଗଠାରୁ ଆହୁରି ହୋଇଉଠିଛି ଉଜ୍ଜ୍ୱଳ ତା' ମୁହଁ । ଦେହରେ ନେସି ହୋଇଯାଇଛି ଫଗୁଣର ଫଗୁ । ଡାଳିମ୍ବ ମଂଜି ପରି ଦାନ୍ତରେ ଝୁଲି ରହୁଥିଲା ବିଜୁଳିର ଚମକ । ନଦୀ ପରି କଳାଘୁମର ଝୁଲନ୍ତା କେଶରାଜି ତା'ର ଛୁଇଁ ଥିଲା ନିତମ୍ବ । କୌଣସି ପୁରୁଷକୁ ମତ୍ତଗଜରେ ପରିଣତ କରିବାକୁ ତା' ଦେହ ହୋଇଥିଲା ତୟାର୍ ।

ବିଳାସିନୀର ସେ ପଛଦିନ ମନେପଡୁଛି । କେମିତି ଟାହିଟାହି ଟାପରା ଶୁଣିବାକୁ ପଡୁଥିଲା ଯାଆମାନଙ୍କଠାରୁ । ଦିନରେ ଘରକାମ କଲାବେଳେ ତା' ଆଖିରେ ନିଦ ଲାଗିଯାଉଥିଲା । ଯେଉଁଠି ବସିଲେ ନିଦ କେମିତି ଘୋଡାଇ ପକାଉଥିଲା । ଦିନେ ରାନ୍ଧୁରାନ୍ଧୁ ତା' ପଣତରେ ନିଆଁ ଲାଗିଗଲା । ବଡ ଯାଆ ନଥିଲେ କ'ଣ ଯେ ହୋଇଥାନ୍ତା ସେଦିନ । ବଡ ଯାଆ ଦୌଡି ଆସି ନିଆଁଲିଭାଇ, ଗାଲରେ ଗୋଟିଏ କଅଁଳ ଚାପୁଡାମାରି କହିଲେ : ଭୁଆସୁଣି ଆଖି, ଅସୁମାରୀ ନିଦର ଘର, ଯା ଯା ଶୋଇବୁ ଯା ।

ସେଇ ଖେଳଖେଳ ଭିତରେ ଜନ୍ମିଯାଇଛନ୍ତି ସୁମିତ୍ ଆଉ ଅମିତ୍ । ସୁମିତ୍‌ର ଦି' ବର୍ଷରେ ଅମିତ୍ । ଅମିତ୍ ଜନ୍ମିଲା ବେଳକୁ ବିଳାସିନୀକୁ ମାତ୍ର ବାଇଶବର୍ଷ । ସେତେବେଳେ ଦି'ଟି ଛୁଆ ଯଥେଷ୍ଟ କଥା, ବିଳାସିନୀ ଭାବିଥିଲା । ପ୍ରବୀଣର ନିଶାଚୁର ମନ ଆଗରେ ଦିନେ ଅଳିକରିଥିଲା, ତମେ ତ ଏ ଦେହ ପାଇଁ ପାଗଳ, ମୁଁ ବି ତମ ଦିହ ପାଇଁ । ଏ ଦେହ ତ କଛାରର ମାଟି ପରି ଉର୍ବର, ଯେତେ ଚଷିଲେ ସେତେ ଫସଲ । ଦି'ଟା ଛୁଆ ହେଲେଣି, ଯା'କୁ ବନ୍ଦ କରିଦେବା ।

ନିଶାଖୋର୍ ପ୍ରବୀଣ ଗୋଟେ ଭୁଡ୍ ପକାଇଲା ଆଉ କହିଲା : ହଇଲୋ ମତେ ଅଠେଇଶକୁ ତତେ ବାଇଶ । ଏ ବୟସରେ ଲୋକେ ବାହାହୋଇ ନଥାନ୍ତି, ଆଉ ମୁଁ ଫେମିଲିପ୍ଲାନିଂ କରିବି ନା, ହେଇପାରିବନି । ଆଲୋ ମୋ ବାପା ଜେଜେ

Digitized by PPRACHIN, SOA

ବାପାମାନେ ବି ତ ଫେରେ ୧୨/୧୪ ଛୁଆ ଜନ୍ମ କରୁଥିଲେ । ଆମ ବଂଶ ବଢ଼ିବ । ଘର ଘୋ'ଘୋ' ଡାକିବ । ମଣିଷ ଜନ୍ମରେ କ'ଣ ଅଛି କହିଲୁ, ଆଜି କଥା ପା' କାଲିକୁ ନାହିଁ । ଦେଖୁନୁ କୁକୁର, ଛେଳି କେମିତି ଏକାଥରକେ ୪/୬ ଛୁଆ ଜନ୍ମାନ୍ତି । ଜାଣିଛୁ ପ୍ରକୃତି ପୁରୁଷ ଭାରି ହୁସିଆର । ତା' ପ୍ରକୃତିକୁ ବଞ୍ଚେଇ ରଖିବା ପାଇଁ ତା'ର ଏ ଲୀଳା । ସେଇଥିପାଇଁ ସେ ଦେଇଛି ଏକାଧିକ ସନ୍ତାନ ଜନ୍ମର ସୁଯୋଗ । ତୁ ବ୍ୟସ୍ତ ହ ନା' ଏ ବାହୁରେ ଦମ୍ ଥିଲା ଯାଏ । ମୁଁ ଷ୍ଟିଅରିଂ ଧରିବି । ଆଉ ମୋ ଛୁଆଙ୍କ ମୁହଁରେ ମୁଁ ଖୁନ୍ଦି ଦେବି ଆହାର ।

ପ୍ରବୀଣଙ୍କୁ ଏଇ ଚାରିବର୍ଷ ଭିତରେ ଭଲରେ ଚିହ୍ନିସାରିଛି ବିଳାସିନୀ । ଖୁବ୍ ମଜବୁତ୍ ଚେହେରା, ହାତ ଓ ବାହୁ ଯେମିତି ଲୁହା, ଛାତି ସେମିତି ଚଉଡା ଓ ମାଂସଳ । ନିଶ ବିହାରୀ ନିଶ ପରି, ଲାଗିବ ଯେମିତି ଗୋଟେ ଭାରି ରାଗିଲୋକ । ନୀଳରଙ୍ଗର ପାଇଜାମା ପିନ୍ଧି ହାତରେ ଡଉଡା, ଧାରୁଆ ରୂପା ବଳାଟ୍ଆ ପିନ୍ଧି ଗାଡିରୁ ଓହ୍ଲେଇ ପଡିଲେ ଲାଗିବ ପୁରା ବିହାରୀବିହାରୀ । ହେଲେ ଏତେ ମଜବୁତ୍ ଦିଶୁଥିବା ଲୋକଟା ଭିତରେ ଯେ ଗୋଟେ ନିରୀହ ଠେକୁଆ ବଞ୍ଚିଛି ଭାବି ନଥିଲା ବିଳାସିନୀ । ବିବାହର ପ୍ରଥମ ଦିନମାନଙ୍କରେ ରାତି ଆସିଲେ ଡରିଯାଉଥିଲା ବିଳାସିନୀ । ଭାବୁଥିଲା ଏଇ ଶକ୍ତ ଲୁହା ଭଳି ବାହୁ ଓ ପଥର ଚଟାଣ ପରି ଛାତିରେ ଦଳିହୋଇ ଗୁଣ୍ଡ ହୋଇଯିବ ସେ । କିନ୍ତୁ ସେପରି ହେଲା କେଉଁଠି, ସେଇ ବାହୁକୁ ସେ ଝୁରି ହେଇଛି ଅନେକରାତି, ସେଇ ଛାତି ବିନା ତା' ଆଖିରେ ନିଦ ଆସିନି ।

ସେଇ ଦିନମାନ ନିଦ ଆସେନି ବିଳାସିନୀକୁ ଯେଉଁ ଦିନ ପ୍ରବୀଣ ଗାଡିସହ ବାହାରେ ରହେ । ବିଳାସିନୀକୁ ଲାଗେ ଗାଡି ଯେମିତି ତା'ର ସଉତୁଣୀ ।

ପୁରୁଣାବର୍ଷ ସରି ଆସୁଥାଏ । ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଚାରିଆଡେ

Digitized by PPRACHIN, SOA



Digitized by PPRACHIN, SOA

ଉତ୍ସବର ମାହୁଲ୍ । କିଏ ପିକନିକ୍ ପାଇଁ ତ କିଏ ତୀର୍ଥକରିବା ପାଇଁ ବ୍ୟଗ୍ର ହେଉଥାନ୍ତି । ପ୍ରବୀଣ ବି ସେଇ ସମୟରେ ଗାଡି ସହ ପ୍ରାୟରାତି ବାହାରେ କାଟିଦେଉଥାନ୍ତି । ଦିନେ ଫୋନ୍ କଲେ: ତମେ ପ୍ରସ୍ତୁତ ହୋଇଥିବ । ମୋର କାଲି ଡ୍ୟୁଟି ଅଫ୍ । ମୁଁ ଗାଡିରୁ ଓହ୍ଲାଇ ଘରକୁ ଯିବି ଆଉ ଖୁବ୍ ମଜ୍ଜାରେ ମାନିବା ଆମେ ନୂଆବର୍ଷ । ଆମେ ବି ତୀର୍ଥ କରିବା । ଆମେ ବି ଯିବା ଯୋଗୀମଠ, ଯିବା ଗୁଡହାଣ୍ଡି ଯିବା ଧର୍ମଗଡର ପାରଦେଶ୍ୱର । ମୁଁ କଥା ଦେଇସାରିଛି ମାଲିକଙ୍କୁ, ଗାଡି ତାଙ୍କର ତେଲ ଆମର । ଖୁସି ତ !

ଏମିତି ଅନେକଥର ଖୁସି ହେଇସାରି ଅନେଇ ରହିବାକୁ ହୁଏ ପ୍ରବୀଣଙ୍କୁ, କିନ୍ତୁ ପ୍ରବୀଣ ଆସନ୍ତିନି । ଓଲଟି ଯୁକ୍ତିକଲେ କହନ୍ତି : ଡ୍ରାଇଭରମାନଙ୍କ ବୃତ୍ତି ସେମିତି, ସେଇଥିପାଇଁ ତ ଗାଡି ପଛରେ ଲେଖିଥାନ୍ତି : ଫେରିଲେ ମୁଁ ତୁମର ।

Digitized by PPRACHIN, SOA

ବିଳାସିନୀ ଅନେଇ ରହେ ପ୍ରତିଥର । ସ୍ୱାମୀ ଫେରିବେ ଆଉ ସେ ବୁଲିଯିବ ତୀର୍ଥ । କିନ୍ତୁ ସେମିତି ହୁଏନା । ବିବାହ ୪ ବର୍ଷ ଭିତରେ ଘରୁ ଗୋଡକାଢିବା ହେଇନି । ଗୋଟିକ ପରେ ଗୋଟିଏ ଛୁଆ ପେଟରୁ କାଢିଛି । ତା' ଛାତିକୁ ସେମାନେ ଝୁଣି ଖାଇଛନ୍ତି । ଦି'ଟି ଛୁଆରେ ବିତିଛି ୪ ବର୍ଷ । ଏବେ ଆଉ ନୁହେଁ । ଛୁଆଜନ୍ମକୁ ଏଇଠି ପୂର୍ଣ୍ଣଚ୍ଛେଦ ପକାଇଦେବା ଭଲ । ଏକଥା ବିଳାସିନୀ ଅନେକଥର ଭାବିଛି ।

ତାହା ହିଁ ହେବ । ଏଇ ଶୀତରେ ଯେମିତି ହେଉ ଫେମିଲିପ୍ଲାନିଂ କରେଇବ । ନହେଲେ ପ୍ରବୀଣ ଭଳିଆ ଦେହରଙ୍କୁଣା ଲୋକ ଯେ ଡଜନେ ଛୁଆ ଜନ୍ମ ନକରିବ କିଏ କହିବ ।

ବିଳାସିନୀ ଚମକିପଡିଲା ଦେଢଶୁରଙ୍କୁ ଫୋନ୍‌ରେ କଥା ହେବା ଶୁଣି । କ'ଣ ହେଲା ତାଙ୍କର ? ତରବର ହେଇ ଦେଢଶୁର ଆଉ ପଡିଶା ଘର ପରମେ ବାହାରିଗଲେ ମଟର ସାଇକେଲରେ । ଦେଢଶୁର ଗଲାବେଳେ ଭୁଲି ନଥିଲେ ନେବାକୁ ତାଙ୍କ ସେ କଳା ବ୍ୟାଗ୍‌ଟିକୁ ଯା' ଭିତରେ ରହୁଥିଲା ଅସରନ୍ତି ଟଙ୍କା ।

ବାରଘଣ୍ଟା ଯାଏ କିଛି ଖୋଜଖବର ନାହିଁ । ସବୁକିଛି ଚୁପଚାପ୍ । ଘରେ ଗୋଟେ ବିଚିତ୍ର ପରିସ୍ଥିତି । କେହି କାହାସହ କୌଣସି କଥାବାର୍ତ୍ତା କି ଆଲୋଚନା କରିବାକୁ ବି ପ୍ରସ୍ତୁତ ନଥିଲେ । ବିଳାସିନୀ ମଝିରେମଝିରେ ଯାଆମାନଙ୍କୁ, ଶାଶୁଙ୍କୁ, ଶ୍ୱଶୁରଙ୍କୁ ଆଉ ପୁତୁରା ଝିଆରୀଙ୍କୁ ପଚାରୁଛି ଗୋଟିଏ ପ୍ରଶ୍ନ- ସେଠୁ କିଛି ଖବର ଆସିଲା ?

ପ୍ରଶ୍ନର ଯେମିତି ଉତ୍ତର ସମସ୍ତଙ୍କ ପାଖରେ ନାହିଁ ଅଥବା ଉତ୍ତର ଦେବାକୁ ଭୟ କରୁଛନ୍ତି ସେମାନେ ।

ପରମେ ଥିଲେ ଏ ପ୍ରଶ୍ନର ଉତ୍ତର ସେ ପାଇସାରନ୍ତାଣି । ପରମେ ଯା'ଙ୍କ ସାଙ୍ଗ । ବୟସରେ ଛୋଟ ବଡ ହେଲେବି ଯା'ଙ୍କର ପରମେ ଠିଁ ଲୋଭ ବେଶୀ । ସବୁ ଭଲକଥା, ସବୁ ଗୁପ୍ତକଥା ପରମେ ହିଁ ଜାଣେ । ଭାରି ଉପକାରୀ ଏଇ ପରମେ । ଜାତିରେ ଗଉଡ ହେଲେ ବି ସତରେ ଲୋକଙ୍କ ମନକଥା ଜାଣେ, ମନକଥା ରଖେ । ତା' ପାଖରେ ଆଜିର ଖବରଥାନ୍ତା । ସେ ବି କହିସାରନ୍ତାଣି ବିଳାସିନୀକୁ । ଭାଉଜ, ଏମିତି ହେଲା ବୋଲି ସେ ଖବର ଯେତେ ଅପ୍ରିୟ, ଯେତେ ଅଶ୍ଳୀଳ ହେଲେ ବି ।

Digitized by PPRACHIN, SOA

ବାରଘଣ୍ଟାର ନୀରବତା ପରେ ଫେରିଆସିଲା ପରମେ । କହିଲା ପ୍ରବୀଣ ଆଉ ନାହିଁ । ଗୁପ୍ତେଶ୍ୱର ଘାଟିରେ ତା' ଗାଡି ପଲଟି ସାତଜଣଙ୍କ ଜୀବନଯାଇଛି । ସେ ଗାଡିର ଡ୍ରାଇଭର ଥିଲା ପ୍ରବୀଣ । ଗାଡିର ଚିହ୍ନବର୍ଣ୍ଣ ନାହିଁ । ଡେଡ୍ ବଡି ଖୋଜା ଚାଲୁଛି । କାଲି ସକାଳେ ବଡି ଆସି ପହଞ୍ଚ ଯାଇପାରେ ।

ଗଛରୁ ପଡିଗଲା ପରି ତଳେ ପଡିଗଲା ବିଳାସିନୀ । ତାକୁ ଚାରିଆଡ ଅନ୍ଧାର ଦିଶିଲା । ଏମିତି ଅନ୍ଧାର ରାତିରେ ବି ହୁଏନା । ଚେତାଫେରିଲା ବେଳକୁ ଘର ଭିତରେ ଲୋକଭର୍ତ୍ତି । ଫେରି ଆସିଛନ୍ତି ଦେଢଶୁର, ଫେରି ଆସିଛନ୍ତି ପ୍ରବୀଣ ହେଲେ ଜୀବନ ନାହିଁ ପ୍ରବୀଣଙ୍କ ଠିଁ । ଦୁଆର ମୁହଁରେ ଶୁଆଇଦେଇ ଘେରିଯାଇଛନ୍ତି ଲୋକେ । କେଇଟା ସ୍ତ୍ରୀଲୋକ ଯାହାଙ୍କ ହାତରେ ଚୁଡିନାହିଁ କି ମଥାରେ ସିନ୍ଦୁରନାହିଁ ସେଇମାନେ ଟାଣିନେଲେ ବିଳାସିନୀକୁ ନଈତୁଠକୁ । ଖଣ୍ଡେ ପଥରରେ ପିଟି ଚାଲିଲେ ତା' ହାତର ଶଙ୍ଖାକୁ । ସେଇଠି ଉଜୁଡିଗଲା ବିଳାସିନୀର ସଂସାର । ମଥାରୁ ପୋଛିଦେଲେ ସିନ୍ଦୂର, ସେଇଠି ଲିଭିଗଲା ତା'ର ସୁଖ ।

ପଥର ହେଇଗଲା ବିଳାସିନୀ । ସବୁ ସୁଖ ଲିଭିଗଲା ବିଳାସିନୀ ମୁହଁରୁ । ଦି'ଟା ଛୁଆ ବଲବଲକି ଅନେଇ ରହୁଥିଲେ ବିଳାସିନୀର ମୁହଁକୁ । ଗାଁ ଲୋକେ ଘେରିଯାଇ କିଏ କେତେ କ'ଣ କହିଲେ । ନଣନ୍ଦ ଲେଖାରେ ସେଇ ଦାନ୍ତୁରି ଝିଅଟା କହିଲା : ହଁ ହଁ ଆଗରୁ ଜଣାଥିଲା ଏମିତି ହେବ । ଦେଖୁନା ତା' କପାଳକୁ, କେମିତି ଲେଖାହୋଇଛି ତା' କପାଳରେ ଏ ଗେରସ୍ତକୁ ଖାଇବ । ବିଳାସିନୀର ବାପା ବି ଆସିଲେ । ସବୁ ଦେଖିକହିଲେ : ପ୍ରଭୁ ମୋ ଝିଅ କପାଳରେ ଏତେ ଦୁଃଖ ।

ଦୁଃଖସୁଖର ହିସାବ କରିବା ବୟସ ହେଇନଥିଲା ତା'ର ଅଥଚ ତାକୁ ବିଧବା ସଜେଇଦେଲେ ଶାଶୁଘର ଗାଁର ରାଣ୍ଡମାନେ ।

କଥାକଥାରେ ଶୁଣିଲା ସେଇ ଗୋଟିଏ କଥା, ସେ ବିଧବା, ସେ ରାଣ୍ଡ, ସେ ହୀନକପାଳି, ସେ ଅଶୁଭ । ତା'ର ଅଧିକାର ନାହିଁ ଆଉ ସୁଖରେ । ଏବେ ସେ ଦୁଃଖରେ କାଟିବ ଦିନ । କାଟିବ ନିର୍ବାସନରେ ଅବଶିଷ୍ଟ ଆୟୁଷ ।

ବିଳାସିନୀର ବୟସ ସେତେବେଳେ କେତେ କି ? ମାତ୍ର ବାଇଶବର୍ଷ । ବାଇଶ ବର୍ଷର ତା'ର ସାଙ୍ଗମାନେ ଏବେ କଲେଜରେ ପାଠ ପଢୁଛନ୍ତି । ସେ

Digitized by PPRACHIN, SOA

ବିପଥଗାମୀ ନ ହୋଇଥିଲେ ଆଜି ତାକୁ ବିଧବା ହେବାକୁ ପଡି ନଥାନ୍ତା । ଆଜି ସେ ଅଶୁଭ ଶକୁନ ହୋଇନଥାନ୍ତା । ଅନେକ ଅକଥ୍ୟ ଅତ୍ୟାଚାରକୁ ଆମନ୍ତ୍ରଣ କରିବାକୁ ପଡିନଥାନ୍ତା । ସବୁ କିଛି ମିଛ ପାଲଟିନଥାନ୍ତା । କଥାରେକଥାରେ ସେ ପାଲଟିଗଲା ଅସ୍ପୃଶ୍ୟ । ତାକୁ ମନା ହୋଇଗଲା ସବୁ ଶୁଭସ୍ଥଳ । ସଭ୍ୟ ସମାଜ ପାଇଁ ସେ ହୋଇଗଲା ଅଶୁଭ ଶକୁନ ।

ବିଳାସିନୀର ବୟସ ଅଛି । ଏଇ ବୟସରେ ସ୍ୱପ୍ନ ଅଛି । ଏଇ ବୟସ ତାକୁ ଅନେକ ରଙ୍ଗବୋଳି ହେବାକୁ ବାଟଦେଖାଉଛି । ଅଥଚ ସମାଜ ତା' ଦେହରେ ବେଢ଼େଇ ଦେଇଛି ରଙ୍ଗହୀନ ଶ୍ୱେତବସ୍ତ୍ର । ଏଇ ଶ୍ୱେତବସ୍ତ୍ରକୁ ନେଇ ସେ ଆନ୍ଦୋଳନ କରିବ ସେଇ ଶ୍ୱେତବସ୍ତ୍ରକୁ ରଙ୍ଗେଇବ ଅନେକ ରଙ୍ଗର ତୂଳୀରେ । ବିଳାସିନୀର ମୁଣ୍ଡରେ ସବାର ହୋଇରହିଲା ଏଇ ବିଧବାର ଭୂତ ।

ସେଦିନ ବାଥରୁମ ଭିତରେ ପଶିଗଲା ପରେ ସେ ଖୋଲିଦେଇଛି

Digitized by PPRACHIN, SOA

ଛଅ

ଗୋଟିଗୋଟି କରି ସବୁବସ୍ତ୍ର । ପ୍ରଥମେ ଶ୍ୱେତ ରଙ୍ଗ ଶାଢୀ, ପରେ ରଙ୍ଗୀନ ଅନ୍ତବସ୍ତ୍ର ସବୁ । ଦର୍ପଣକୁ ଅନେଇ ନିଜକୁ ଦେଖି ସେ ଅନ୍ୟମନସ୍କ ହୋଇଗଲା । ହଁ ତ ସବୁ କିଛି ଠିକ୍‌ଠାକ୍ ଅଛି । ମଜବୁତ ଅଛି କଟୀ, ମଜବୁତ ଅଛି ଜଙ୍ଘ, ମଜବୁତ୍ ଅଛି ବାହୁ । ଛାତି ସେମିତି ଅତୃପ୍ତ, ଅଣ୍ଟାରେ ସେମିତି ଶୋଷ ଅଥଚ ସେ ବିଧବା କାହିଁକି ! କେବଳ ହାତର ଶଙ୍ଖା କେଇପଟକୁ ଛାଡିଦେଲେ ଏ ଦେହ ଅଛି ସତେଜ । ଏ ଦେହରେ ଅଛି ଜ୍ୱଳନର ନିଆଁ । ଏ ଦେହ ଦହନ ଚାହେଁ । ଏ ଦେହ ଦହନ ଚାହେଁ ।

ଦେହ ଆଉ ମନ ଦି'ଟା ଅଲଗା କଥା । ମନ ଓ ଦେହ ଏକାଠି ହୋଇଗଲେ ସବୁ ମିଛ ହୋଇଯାଏ । ସେତେଦିନ ଯାଏ ସେ ମନମାରି ବସିରହିଥିଲା, ଯେତେଦିନ ଯାଏ ସେ ଶୁଣୁଥିଲା ସେ ବିଧବା । ତା'ର ସ୍ୱାମୀ ନାହିଁ,

Digitized by PPRACHIN, SOA

ତା'ର ସୁହାଗ ନାହିଁ, ତା'ର ସୁଖ ନାହିଁ, ତା'ର ସବୁ କିଛି ସରିଯାଇଛି ତା' ସ୍ୱାମୀ ମରିବା ସହ ।

ସେ କୁଳୀନ ବ୍ରାହ୍ମଣ ଘରର ବହୂ । ତାକୁ ସାମ୍ନା କରିବାକୁ ହେବ ସବୁକିଛି । ଏଇ ଦେହରେ ସେ ସହିବାକୁ ପଡିବ ଅବଶିଷ୍ଟ ଆୟୁଷର ଦୁଃଖ । ଛଟପଟ ହେଇ ମରିବାକୁ ହେବ । ଆନ୍ଦୋଳନ କରିଉଠିଲା ବିଳାସିନୀର ମନ । ସେ କି ବ୍ରାହ୍ମଣ । କି ବ୍ରାହ୍ମଣ ସେ । ନାଁ ତା' ଦେହରେ ପଇତା ଅଛି, ନା ସେ ବ୍ରତଦୀକ୍ଷା ନେଇଛି, ନାଁ ସେ ମନ୍ଦିର ଯାଇ ପୂଜାକରିଛି । ସବୁଠି ତ ସେ ନାରୀ, ରମଣୀ ବୋଲି ଉପେକ୍ଷିତ ହୋଇଛି । ତାକୁ ଲାଗିଛି ସେ କେବଳ ରମଣ ପାଇଁ ଉଦ୍ଦିଷ୍ଟ ।

ଯିଏ ବ୍ରତଦୀକ୍ଷା ବେଳେ କାନ୍ଧରେ ବ୍ରହ୍ମସୂତାକୁ ବହନ କରିଛି ତା'ର ସ୍ତ୍ରୀ ମରିଗଲେ ସେ ପୁଣି ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରୁଛି । ବିପ୍ରନାଥ ଥରେ ନୁହେଁ, ତିନିତିନି ଥର ସ୍ତ୍ରୀ ଗ୍ରହଣ କରିଛି । ପ୍ରଥମ-ଦ୍ୱିତୀୟ ସ୍ତ୍ରୀ କିଛି ବର୍ଷ ଅନ୍ତରରେ ମରିଛନ୍ତି । ତାକୁ ସମାଜ ସ୍ୱୀକୃତି ଦେଇଛି ଅରୁଆ-ଡାଲମା-ଖଟା-କ୍ଷୀରି ଖାଇ । ଅଥଚ କାହିଁକି ସେ ପୁଣି ବାହାହୋଇପାରିବନି ?

ଚିନ୍ତାଭିତରେ ବୁଡିରହୁଥିଲା ବିଳାସିନୀ । ତା' ଆତ୍ମା ଭିତରୁ କିଏ ଜଣେ ବିପ୍ଳବର ମଶାଲଧରି ବାରମ୍ବାର ଦୌଡିଆସୁଥିଲା ବାହାରକୁ । ସ୍ୱାମୀଙ୍କ ପରେ ଆକଟ କରିବାକୁ ପରିବାରର ପନ୍ଦର ଜଣ ସଦସ୍ୟ ଏବେ ତା'ର ସ୍ୱାମୀ ସାଜିଛନ୍ତି । ସମସ୍ତେ ସେଇ ଗୋଟିଏ କଥା – ତୁ ଏହା କରିବା ବିଧିସମ୍ମତ ନୁହେଁ । କିନ୍ତୁ କେହି ତ ସ୍ୱାମୀ ପରି ତା' ମନବୁଝି ଆଣିଦେଉନାହାନ୍ତି ତା' ପାଇଁ ଅଳ୍ପଟିକେ ଦରବ କି ଦେଉନାହାନ୍ତି ସ୍ନେହ ।

ଗାଧୁଆଘରର ନିର୍ଜନ ପରିବେଶ ହିଁ ତା' ବିପ୍ଳବର ବହ୍ନି ଜଳେଇବାକୁ ଏକମାତ୍ର ନିରାପଦସ୍ଥଳୀ । ଗାଧୁଆପାଧୁଆ ସାରି ବାହାରକୁ ବାହାରିଲା ବେଳକୁ ପ୍ରଥମେ ଦିଶିଲା ପରମେ ଯିଏ ଲେଖାଯୋଖାର ଦିଅର ହେବ । ସେ ସେଇ ଧଳାଲୁଗା ଭିତରୁ ଫୁଟି ଉଠୁଥିଲା ଆକାଶର ଜହ୍ନ ପରି । ସଦ୍ୟସ୍ନାତ ମୁହଁରେ ଲାଗିଥିଲା ଯୌବନର ସେତୁ । ପରମେର ଆଖି ଝଲସିଗଲା ଆଉ ଲାଜରେ ବିଳାସିନୀ ମରିଗଲା ।

Digitized by PPRACHIN, SOA

ବିଳାସିନୀ ଲାଜରେ ମରିଗଲା ପୁଣିଥରେ ଯେତେବେଳେ ପରମେ କହିଲେ : ଭାଉଜ ନମସ୍କାର । ଭାରି ହସମାଡ଼ିଲା ବିଳାସିନୀକୁ । ଲାଗିଲା ଭାଇ ତ ନାହିଁ, ପୁଣି ଭାଉଜ କ'ଣ ? ଦୁଷ୍ଟାମୀ ହସର ଛିଟା ଖେଳେଇଦେଇ ମୁହଁରେ ପ୍ରତିନମସ୍କାର ଜଣେଇଦେଲା ।

ବିଳାସିନୀକୁ ଏଇ ଓଦା ସରସର ଅବସ୍ଥାରେ ଦେଖିନେବାଟା ପରମେ ଦେହରେ ଅଗ୍ନିର ଝୁଲସଞ୍ଚାର କରିଛି । ବାକି ତାକୁ ତାଳପତ୍ର ଯୋଗାଇ ଜଳେଇ ରଖିବା ଦାୟିତ୍ୱ ରହିଲା ଏଇ ବିଳାସିନୀର !

ବିଳାସିନୀ ଆଦର କରିଛି ପରମେକୁ ସେଥିଲା ଦିନରୁ । ପରମେ କେବଳ ତାଙ୍କ ଛୋଟ ଭାଇ ନଥିଲେ, ଥିଲେ ବନ୍ଧୁ । ଦିହେଁ ସାଙ୍ଗହେଇଯାନ୍ତି ଅପେରା ଦେଖିବାକୁ, ସାଙ୍ଗହେଇ ଫିଷ୍ଟ୍ କରନ୍ତି, ସାଙ୍ଗ ହେଇ ମଦପିଅନ୍ତି ଆଉ ସାଙ୍ଗହେଇ ବେଳେବେଳେ କୁଆଡ଼େ ଚାଲିଯାନ୍ତି କାହାକୁ କିଛି ନକହି । ବାହାରକୁ ଗଲାବେଳେ ଜଣେ ହୋଇଯାଏ ଗୁରୁ ଆଉ ଜଣକ ଚେଲା ।

ପରମେର ବଳିଲାବଳିଲା ବାହୁ, ଖୁନ୍ଦାଖୁନ୍ଦି ମାଂସର ପଥୁରିଆ ଛାତି ଆଉ ସରୁ ଧାର ମୁହଁ ପ୍ରତି ଦୁର୍ବଳ ହୋଇଯାଏ ବିଳାସିନୀ, ବେଳେବେଳେ ଭାବେ ଯାହା ହେଉଛିହେଉ ଏ ଦେହର ଦହନ ପାଇଁ ପରମେ ହିଁ ଯୋଗ୍ୟ । ଏ ସଂସାର ଛାଡ଼ି ପରମେ ସହ କୁଆଡ଼େ ଚାଲିଯିବି ।

କିନ୍ତୁ ପରମୁହୂର୍ତ୍ତରେ ସଂସାର ନୁହେଁ, ଦି'ଟା ଛୁଆଙ୍କ ସ୍ନେହବୋଳା ମାଆ ଡାକରେ ମନ ତରଳିଯାଏ ମହମ ପରି । ଦେହ ଦହନ ମାଗୁଥାଏ କି ! ଦହନ ଲୋଡ଼ା ନଥାଏ । ପୁଣି କେତେବେଳେ ଅନ୍ଧାରରାତିରେ ଏକ ଅଜଣା କଳାନାଗୁଣୀ ଦେହରୁ ବାହାରେ । ଉଚ୍ଚାଟ କରାଏ ମନ, ଉତ୍ତେଜିତ କରାଏ ଛାତିକୁ ଆଉ ଦେହ ପୁଣି ଦହନ ମାଗେ ।

ବିଳାସିନୀର ପ୍ରେମ ହୋଇଛି ଗାଁରେ ବଇନ ସହ । ସେତେବେଳେ

Digitized by PPRACHIN, SOA

ଭ୍ରାନ୍ତି

ପ୍ରେମ କ'ଣ ସେ ବୁଝି ନଥିଲା, ବୁଝିଥିଲା ବଇନ ବାହୁ ଭିତରେ ଦଳି ହୋଇଯିବା ପ୍ରେମ । ବୁଝିଥିଲା ଯାହା ସଭିଙ୍କୁ କହିହୁଏନା, ସଭିଙ୍କ ସାମ୍ନାରେ କରିହୁଏନା, ତାହା ବଇନ ସହ କରିବା ପ୍ରେମ ।

ପ୍ରେମରେ ଦେହ ଆଗ, ଦେହର ଦହନ ଆଗ । ଭାବପ୍ରବଣତା ମିଛ ସବୁ ପ୍ରବଣତାର ଶେଷ ସେଇ ଦେହ ପାଖରେ । ସବୁତୃପ୍ତିର ସେଇ ଦେହର, ନୀଳ ରଜନୀରେ ବିଭୋର ହେବାରେ । ଅଥଚ ପରମେଙ୍କ ସହ ଦେହଜନିତ ସଂପର୍କ କିଛିନାହିଁ, କାହିଁକି କେଜାଣି ବଢିଛି ପ୍ରେମ । ପରମେଙ୍କୁ ନ ଦେଖିଲେ ଛାତି ଭିତରଟା ବ୍ୟାକୁଳ ହୋଇଉଠେ । ଲାଗେ ସେଇ ସରୁନିଶ ଧରିଥିବା ପରମେ ହିଁ ତା' କୃଷ୍ଣ ଆଉ ସେ ସମାଜର ସବୁ ବନ୍ଧନକୁ ଡେଇଁ, ହୋଇଯିବ ପରମେର ରାଧା । ଏଇ ଭଲପାଇବା ପ୍ରେମ କି ବୋଲି ଚିତ୍କାର କରି କୁହେ ସେ ।

Digitized by PPRACHIN, SOA

ଦେଢଶୁର ତିନିଜଣ । ଦି'ଜଣ ଏଇ ଘରେ, ଜଣେ ବାହାରେ ବ୍ୟାଙ୍କରେ ଚାକିରୀ କରୁଛନ୍ତି । ତାଙ୍କ ଛୁଆ ପିଲା ସହ ସେ ବାହାରେ ରହୁଛନ୍ତି । ଘରେ ରହୁଥିବା ସାନ ଦେଢଶୁରଙ୍କ ଠିଁ କିଛି କାମଧନ୍ଦା ନଥାଏ । ସକାଳୁ ରାତି, ରାତିରୁ ସକାଳ ସେଇ ଦେହ ଚିନ୍ତା ତାଙ୍କର । ଚାଷବାସ ସମୟରେ ସେ ଯାହା ଜମି ଆଡେଯାନ୍ତି । ରେଜା କୁଲିଙ୍କ ସହ ରହିଯାନ୍ତି, ସାରା ଦିନ । କ୍ଷେତ ମୁଣ୍ଡକୁ ଭାତ ଯାଏ ତାଙ୍କ ପାଇଁ, ଜଣେ ଦି'ଜଣ ଧାଙ୍ଗରୀ ରେଜା ତାଙ୍କ କଥାବୁଝନ୍ତି । ଜମିଦାର ଠାଣିରେ ରହିଥାନ୍ତି କ୍ଷେତମୁଣ୍ଡରେ ।

ଫି' ବର୍ଷ ସେଇ ଖଳାଶୁଆ ସରିବା ପରେ ଜଣେ ଦି'ଜଣ ଧାଙ୍ଗରୀ ବାନ୍ତିକରନ୍ତି । ସାନ ଦେଢଶୁର ଗୋଟେ ହ୍ୟାଣ୍ଡବ୍ୟାଗ୍‌ରେ ଟଙ୍କା ପୂରାଇଯାନ୍ତି ସହର ଆଉ ସାଙ୍ଗରେ ନେଇଯାନ୍ତି ବାନ୍ତିକରୁଥିବା ଧାଙ୍ଗରୀକୁ । ଦି' ଚାରିଦିନ ପରେ ଫେରିଆସନ୍ତି ଦିହେଁ । ପୁଳାଏ ଟଙ୍କା ଆଉ ଯାଆର ପିନ୍ଧାଶାଢୀ ଦି' ଟାରିଖଣ୍ଡ ଦେଇ ତାକୁ ତଡିଦିଆଯାଏ । ସେ ଚୁପ୍ ହୋଇଯାଏ । ସେଇ ଦେଢଶୁର ସକାଳୁ ଉଠି କୌପନୀ ମାରି ଖଳାରେ ଡିଆଁମାରନ୍ତି । ଘଣ୍ଟାଘଣ୍ଟା କଠୋର ବ୍ୟାୟାମ୍ କରି ଗମ୍‌ଗମ୍ ଝାଳବୁହାନ୍ତି । ତାଙ୍କ ଗୋରା ଦେହରୁ ଝାଳ ବୋହି ପିତଳ ପରି ଚକ୍‌ଚକ୍ କରେ । ସେଇଠି ଗୋଟେ ମୋଟା କନ୍ଥା ଉପରେ ବସି ନାକକାନ ଧରି ଘଣ୍ଟାଏ କାଳ ପ୍ରାଣାୟାମ୍ କରନ୍ତି । କେତେବେଳେ ସାପ ପରି ତ କେତେବେଳେ ବାଘ ପରି ଫୁତ୍‌କାର ଛାଡନ୍ତି ।

ସାନ ଦେଢଶୁର ପ୍ରବୀଣଙ୍କ ମରିବାପରେ କାହିଁକି କେଜାଣି ବେଶୀ ଗେଲକରନ୍ତି ତାଙ୍କ ପିଲାମାନଙ୍କୁ । ପିଲାମାନଙ୍କ କଥା ବୁଝିବା ବାହାନାରେ କିଛି ଗେଲମିଶା କଥା ବି ଛାଡିଯାନ୍ତି ବିଳାସିନୀ ପାଇଁ । ବିଳାସିନୀ ଯାହାର ଅର୍ଥ କରି କହେ : ଛି' ପାପପାପ ଘୋର ପାପ । ଦେହ ଛୁଇଁବା କଥା ଛାଡ ତାଙ୍କ ଛାଇପଡିବା ବି ଏ ଦେହରେ ପାପ ।

ସେଇ ଧାଙ୍ଗରୀମାନଙ୍କ ପରି ଦିନେ ବିଳାସିନୀକୁ ବାନ୍ତିହେଲା । ବଡ ଯାଆ ତାକୁ ଦେଖି କହିଲେ : ଆଲୋ ହେ ପାପିନୀ କାହା ସହ ଏମିତି କଲୁ କହ । ସ୍ୱାମୀ ନାହିଁ, ବିଧବା ହେଇ ପୁଣି ଏମିତି ବାନ୍ତି କରୁଛୁ ।

ସେଦିନ ରାତିରେ ଘରେ ଛୋଟ ପିଲାମାନେ ଶୋଇପଡିବା ପରେ,

Digitized by PPRACHIN, SOA

ଦୁଇ ଦେଢଶୁର, ଦୁଇଯାଆ, ଶାଶୁଶ୍ୱଶୁର ସଭିଏଁ ବସି ନିଶାପ କଲେ । ପାତିନୀ ପରି ଠିଆ ହେଇ ରହିଥାଏ ବିଳାସିନୀ । ଯିଏ ଯାହା ପ୍ରଶ୍ନ ପଚାରିଲେ ବି ଜଡ ପରି ଠିଆ ହୋଇ ରହିଥାଏ ବିଳାସିନୀ । ସାନ ଦେଢଶୁର, ବଡ ଦେଢଶୁର ନିଆଁ ରଡ ଆଖିରେ ଅନେଇ ରହିଥାନ୍ତି ବିଳାସିନୀକୁ । କହୁଥାନ୍ତି – ଭୋକକୁ ନିଜ ଆୟତରେ ରଖ ।

କିନ୍ତୁ ବିଳାସିନୀ ବାରମ୍ବାର ନିଜକୁ ପଚାରି ଚାଲୁଥାଏ, କେମିତି ଆୟତରେ ରଖିବି ଭୋକକୁ, ତା'ର କୌଶଳ କଣ ? କେଉଁ ଯୋଗାସନ କଲେ ଏ ଦେହକୁ ଭୋକ ଛୁଇଁବନି, ମୋତେ ବତାଅ । ବତାଅ । ଏ ଦେହ ଦହନ ମାଗୁଛି, ତମେମାନେ ବୟୋଜ୍ୟୋଷ୍ଠ ତମେମାନେ ଅନୁଭବି, ମୋତେ କୁହ କେମିତି ଏ ଭୋକକୁ ଦମନ କରିବି । ମୁଁ ବୁଝିପାରୁନି କାହିଁକି ଏ ଦେହ ଦହନ ମାଗୁଛି ।

ନିଜ ଆୟତରେ ରଖିପାରୁନଥିବା ଦେହଟାକୁ ଧ୍ୱଂସ କରିଦେବି । ଲୋଡା ନାହିଁ ଏ ଦେହ । ଯେମିତି ହେଉ ନିଜକୁ ଶେଷ କରିଦେବାକୁ ହେବ । ଏପରି ନିଷ୍ପତ୍ତି ନେବା ଭିତରେ ପୁଅ ଦି'ଟାଙ୍କ କଟାଳ ପୁଣି ତାକୁ ରୋକିଦେଇଛି । ପୁଣି ଥରେ ସେ ଭୁଲିଯାଇଛି ତା'ର ଗୋଟେ ଦେହ ଅଛି । ଏ ଦେହଟା ନ ଥିଲେ ଏ ଛୁଆ ଦି'ଟା ରହିବେ କେମିତି ?

ଦେହର ଜ୍ୱାଳା କେତେବେଳେ ତାକୁ ବିବ୍ରତ କରୁଛି ତ କେତେବେଳେ ମାଆର ମମତା ତାକୁ ଲୁହ ଛଳଛଳ କରାଉଛି । କ'ଣ କରିବ ସେ ? ଦି'ଦି'ଟା ଛୁଆକୁ ଗର୍ଭରେ ଧାରଣ କରିଥିବା ବେଳେ ତା'ର କିଛି ପାପ ହୋଇନଥିଲା, ସେ ହୋଇନଥିଲା ପାତିନୀ ଅଥଚ ଆଜି ଏଇ ତୃତୀୟ ସନ୍ତାନର ଗର୍ଭଧାନରେ ସେ ହୋଇଯାଇଛି ପାପୀ । ସବୁ ପାପପୁଣ୍ୟ ମିଛ । ଆଜି ସ୍ୱାମୀ ନାହିଁ ତା' ଭିତରେ ତା' ସନ୍ତାନ ଅଛି । ସେ ସନ୍ତାନର ବାପା କିଏ ? ଏଇ ପ୍ରଶ୍ନ ତାକୁ ସମାଜରେ ଅବୈଧ୍ୟ କରାଇଛି । ପରପୁରୁଷର ବୀର୍ଯ୍ୟକୁ ବହନ କରିଛି ସେ । ସେଇଥିପାଇଁ ପାପୀ । ସ୍ୱାମୀ ଥାଉଁଣୁ ଏମିତି ଯଦି ହୋଇଥାନ୍ତା, ତେବେ ସେଇଟା ପାପ ହୋଇନଥାନ୍ତା ।

ସମାଜର ଖୋଳପା ତାକୁ ଅନେକଟା ବାଧ କରିଛି ଆତ୍ମହତ୍ୟା କରିବାକୁ କିନ୍ତୁ ସେ ବେଳେବେଳେ ଭାବିଛି କାହିଁକି ଆତ୍ମହତ୍ୟା କରିବି । କାହିଁକି ଆନ୍ଦୋଳନ କରିବି ନାହିଁ ; କାହିଁକି ଯୁଦ୍ଧର ବିଗୁଲ ବଜାଇ ଘୋଷଣା କରିବି ନାହିଁ– ହେ ସମାଜ

Digitized by PPRACHIN, SOA

ତମ ପାପପୁଣ୍ୟ ସବୁ ଆପେକ୍ଷିକ । କେବଳ ଦୃଷ୍ଟିଭଙ୍ଗୀ ବଦଳିଲେ ବଦଳିଯାଏ ପାପପୁଣ୍ୟ ର ସଜ୍ଞା ।

ବଡ ଯାଆ ଓ ଦେଢଶୁର ଆରଦିନ ସକାଳୁ ତାକୁ ନେଇଗଲେ ଷାଠିଏ କିଲୋମିଟର ଦୂରରେ ଥିବା ଗୋଟିଏ ନର୍ସିଂ ହୋମକୁ , ଯେଉଁଠି ସେ ଦ୍ୱିତୀୟ ପୁଅକୁ ଜନ୍ମ ଦେଇଥିଲା, ସେଇ ବେଡ୍‌ରେ ଶୋଇ ତା'ର ସ୍ୱାମୀର ଅବର୍ତ୍ତମାନରେ ଗର୍ଭରେ ସ୍ଥାନ ଦେଇଥିବା ସନ୍ତାନକୁ ଗର୍ଭପାତ କରେଇନେଲା । ଗର୍ଭପାତ ପରେ ସେ ଅନୁଭବ କରିଛି, ପୁଣି ସେ ହୋଇଛି ବିଧବା । ବିଧବାର ନିୟମପାଳନ କରିବ । ନିଜ ଭୋକକୁ ଏଥର ଆୟତରେ ରଖିବ !

ସେଇଠୁ ଫେରି ଆସିଛି ଘରକୁ । ଘରେ ଦି'ଟା ଛୁଆ ଅନ୍ୟାନ୍ୟ ପରିବାର ସଦସ୍ୟଙ୍କ ସହ ରହିଯାଇଛି । ତାଙ୍କ ଦୃଷ୍ଟି ବି ଧୀରେଧୀରେ ବଦଳିଛି । ସେମାନେ ଧୀରେଧୀରେ ମାଆବିନା ରହିବା ଶିଖିବା ଆରମ୍ଭକଲେଣି ।

ବିଳାସିନୀ ଘରେ ପହଁଚିଲା ବେଳକୁ ସଂଜ ନଇଁ ଆସୁଥାଏ । ଖଳାରେ କୌପିନୀମାରି ସାନ ଦେଢଶୁର ସାପ ପରି ଫଁଫଁ ହୋଇ ଯୋଗାସନ କରୁଥାନ୍ତି । ସଂଚୟ କରୁଥାନ୍ତି ବଳ ଓ ବୀର୍ଯ୍ୟ । ବିଳାସିନୀ ଗୋଟିଏ ତେର୍ଛା ଦୃଷ୍ଟିରେ ଦେଖିନେଲା ତାଙ୍କ ଛେଳି ଦାଢିକୁ । ଦେଖି ନେଲା ତାଙ୍କ ଉଠପଡ ହେଉଥିବା ଛାତିକୁ ।

ଅନେକ ସମୟରେ ପୁରୁଷ ତା' ଭୋକକୁ ମେଣ୍ଟାଇବା ପାଇଁ ବଜାରରେ ଫାଷ୍ଟଫୁଡ୍‌ର ଆଶ୍ରୟ ନିଏ । ଏବେ ଝିଅମାନେ ବି ଫାଷ୍ଟପୁଡ ଉପରେ ନିର୍ଭର କରୁଛନ୍ତି କିନ୍ତୁ ଘରର ଚାରିକାନ୍ଥରେ ବନ୍ଧା ହୋଇଥିବା ଗ୍ରାମୀଣ ମହିଳାଟିଏ ରୋଷେଇ ଘର ଚୁଲି ଉପରେ ତାୱା ବସେଇ ଅନେଇ ରହିଥାଏ ଦି'ଟା ରୁଟି ସେକିବାକୁ ।

ସବୁକିଛି ଠିକ୍‌ଠାକ୍ ଚାଲିଲା । ପରମେ ଆରଦିନ ସକାଳୁ ଆସି କହିଲେ

Digitized by PPRACHIN, SOA

ଆଠ

: ଭାଉଜ ତମ ଦେହ କ'ଣ ହୋଇଥିଲା, ଏମିତି ରାତାରାତି ଖରିଆର ଚାଲିଗଲ । ମୋତେ କହିଲନି, ପ୍ରବୀଣ ଭାଇ ସିନା ନାହିଁ, ମୁଁ ପରା ତା' ଦୂତ ଅଛି । ତମ ଭଲ ମନ୍ଦରେ ମୋତେ ଭାଗୀ କରାଅ ।

ପରମେର ଚଉଡା ମଜବୁତ୍ ଛାତିକୁ ଅନେଇ ବିଳାସିନୀ ଗତଦିନର ଦରଜକୁ ଦେହ ଭିତରେ ଚାପି ଧରୁଥିଲା । ମୁହଁରେ ମଳିଛିଆ ହସ ଫୁଟେଇ କହିଲା : ବୁଝିଲ ଭାଇ, ସବୁକିଛି ଏଇ କପାଳଲିଖନ । କେତେବେଳେ ମୁଁ କୁଆଡେ ଚାଲିଯିବି କିଏ କହିବ ।

ପରମେକୁ ଦେଖିଦେଲେ ମନରେ ସାହାସ ଆସେ । ଲାଗେ ଏଇ ପରମେ ସହ ଘର କଲେ ଅସୁବିଧା କ'ଣ ? ଦି' ଚାରିଦିନ ଆଠଦିନ ଏ ସମାଜ ମୋତେ ଘୃଣା କରିବ । କରୁ । ଏବେ କେଉଁ ଆଦର କରୁଛି ଯେ ଏ ସମାଜ । ବରଂ ଭଲ ହେବ, ସବୁ ବନ୍ଧନକୁ ଭାଙ୍ଗି ପରମେ ସହ ଚାଲିଯିବି କେଉଁ ଦୂରମୂଲକ । ସେଠି ଆଉ କେହି ନଥିବେ । ଶାଶୁବୁଢୀର ଅଶାଳୀନ କଥାବାର୍ତ୍ତା ଜମ୍ମାରୁ ତାକୁ ଭଲ ଲାଗେନା । ଜମ୍ମାରୁ ଭଲ ଲାଗେନା,ଏ ଘର ଦୁଆର । ଏଠି ରହୁଥିବା ମଣିଷମାନଙ୍କ ପ୍ରତି କାହିଁକି କେଜାଣି ମନ ଘୃଣାଭାବ ଜାଗିଉଠେ ।

ନାରୀ ହିଁ ନାରୀର ଶତ୍ରୁ । ଏ ଘରର ପୁରୁଷମାନେ ମାତିଥାନ୍ତି ଅର୍ଥ

Digitized by PPRACHIN, SOA

ନଅ

ପଛରେ, ସ୍ୱାର୍ଥ ପଛରେ । କିନ୍ତୁ ନାରୀମାନଙ୍କ ଆଖି ଦି'ଟା ଚେଇଁ ଥିବାବେଳେ ଓ ଶୋଇଥିବାବେଳେ ଖୋଜୁଥାଏ ଅନ୍ୟମାନଙ୍କର ଛିଦ୍ର । ସବୁଠୁଁ ବଡ ଯାଆ ତ ବାହାରେ ରହନ୍ତି । ତାଙ୍କର ଏ ସବୁରେ ଯାଏ କେତେ ଆସେ କେତେ ? ସେ ବରଂ ଚାହାନ୍ତି ଏମାନେ କିଛି ଭୁଲଭାଲ୍ କରି ପୋଲିସ୍-କୋର୍ଟ-କଚେରୀକୁ ଟାଣି ହୋଇଯାନ୍ତେ କି ? ତାଙ୍କ ତଳ ଯାଆ ଏଇ ଘରର ମୁରବୀ । ବଡମଝିଆ ଦେଢଶୁର ବାସ୍ତବରେ ମୁରବୀ, ତାଙ୍କୁ ଏ ଘର ଓ ଗାଁରେ ସମସ୍ତେ ଡରନ୍ତି । କିନ୍ତୁ ଲାଗେ ତାଙ୍କ ସ୍ତ୍ରୀ ହିଁ ଶାସନ କରୁଛନ୍ତି ସଭିଙ୍କୁ ।

ଅବଶ୍ୟ ଶାସନ କରିବାର କଳା ସେଇ ଯାଆଙ୍କ ଠିଁ ଅଛି । ସେ ଯେମିତି ଆକଟ କରନ୍ତି, ସେମିତି ସ୍ନେହଶ୍ରଦ୍ଧା ବି କରନ୍ତି । ତାଙ୍କର ଶ୍ରଦ୍ଧା ଆଗରେ ହାରମାନିଯାଏ ତାଙ୍କର ଦଣ୍ଡ । ଲାଗେ, ସେ ଯାଆ ନୁହଁ ମାଆ । ଆଉ ତାଙ୍କ ତଳକୁ

Digitized by PPRACHIN, SOA

ଯେଉଁ ଯାଆ, ସେ ଧନୀ ଘରର ଝିଅ । ତାଙ୍କ ବାପ-ଭାଇ ସବୁ କିଛି ଖଞ୍ଜି ଦେଇଛନ୍ତି ତାଙ୍କ ଗୋଡ ତଳକୁ । ଖାଇବାପିଇବାରେ ଅଭାବ କିଛି ଆଗରୁ ନଥିଲା କି ଏବେ ନାହିଁ । ସେ ଏବେ ବୟାଳିଶ ସାଇଜର ବ୍ଲାଉଜ୍ ପିନ୍ଧନ୍ତି । ତାଙ୍କ ଗୋଟିଏ ସାୟାରେ ବିଳାସିନୀ ପରି ଚାରିଟା ସ୍ତ୍ରୀ ଲୋକ ଧରିବେ । ସେ ନିଜ ଦେହ, ମୁଣ୍ଡ, ଅଣ୍ଟା, ପେଟର ଚିନ୍ତା କରନ୍ତି । ଆଉ କା' ଚିନ୍ତା ବା କରିବେ । କାରଣ ତାଙ୍କ ପାଇଁ ବି ଦେହ ହିଁ ସବୁକିଛି ।

ତାଙ୍କ ବିଶାଳ ଗୋରା ତକ୍‌ତକ୍ ଦେହକୁ ନେଇ ଚାଲିଲା ବେଳେ ଲାଗେ ଯେମିତି ସେ ଏଇ ଘରର ସବୁଠୁଁ ଓଜନଦାର ସ୍ତ୍ରୀ ଲୋକ । କିନ୍ତୁ ତାଙ୍କର ଚିନ୍ତା କାହାର ବି ନଥାଏ । ତାଙ୍କ ସ୍ୱାମୀ ତାଙ୍କର ପୁରା ଓଲଟା ଦିହେଁ ମାଆ ପୁଅ ପରି ଦିଶନ୍ତି ।

ଏବେ ସ୍ତ୍ରୀ ଲୋକମାନଙ୍କ ଭିତରେ ରହିଲେ ଶାଶୁ । ଶାଶୁ କିନ୍ତୁ ଜଣେ ଅସାଧାରଣ ମଣିଷ । ଘରକଥା ସେ ବୁଝନ୍ତି କମ୍, ବେଶୀ ବୁଝନ୍ତି ଗାଁ ମନ୍ଦିରର କଥା, ପୂଜକ ନନାଙ୍କ କଥା । ବେଳେବେଳେ ଦୁଃଖ ଆସିଲେ କହନ୍ତି: ସବୁ ସେଇ ଗୋବିନ୍ଦର ଲୀଳା ।

ସାନ ଦେଢ଼ଶୁର ଭାରି ଅଶାନ୍ତ ରହନ୍ତି, ତାଙ୍କ ବୃତ୍ତିକୁ ନେଇ ଓ ତାଙ୍କ ବିଶାଳ ଆକାର ସ୍ତ୍ରୀକୁ ନେଇ ।

ବଡମଝିଆ ଦେଢ଼ଶୁରଙ୍କ ପ୍ରଚେଷ୍ଟାରେ ଏ ଘରେ ଅଭାବ କ'ଣ ? ଧାନ ଗହମ ଓ ଟଙ୍କା ସୁନାରେ ଏ ଘର ପୁରିଥାଏ । ସବୁଦିନ ବିଳମ୍ବ ରାତିରେ ସେ ଫେରନ୍ତି ଘରକୁ । ସାରାଦିନ ତାଙ୍କର କଟେ ବାହାରେ । ରାତି କେଇ ଘଡି ଘରେ କଟେ ।

ସେଦିନ ବର୍ଷା ରାତି । ଯେ ଯାହାର କୋଠରୀରେ କବାଟ ଦେଇ

Digitized by PPRACHIN, SOA

Digitized by PPRACHIN, SOA

ଶୋଇଯାଇଥାନ୍ତି । ରାତି ସାଢେଦଶ ଏଗାର ଭିତରେ ହେବ । ପିଲାମାନେ, ଶାଶୁଶ୍ୱଶୁର, ଯାଆମାନେ ଯେ ଯାହାର ରୁମ୍‌ରେ ଶୋଇଯାଇଥାନ୍ତି ଏତିକିବେଳେ କଲିଂବେଲ୍ ବାଜିଲା । ବିଳାସିନୀର ଛାତି ଦାଉଁ କଲା । କ'ଣ ଦେଢଶୁର ଫେରିବାର ନଥିଲା ଆଜି ଅଥଚ ଫେରିଆସିଲେ କେଉଁଠି କିଛି ଅଘଟଣ ଘଟିଲା କି ? ଚାକର ପିଲା ଖୋଲିଦେଇଛି କବାଟ । ହଠାତ୍ ଭିତରକୁ ପଶି ଆସୁଆସୁ ପାଟି କରିଉଠିଲେ ସାନବୋହୂ ରୁମରୁ କିଏ ଯାଉଛ ସେଇଠି ଠିଆହୁଅ । ସେ ହାତରେ ଧରିଥିବା ତିନିସେଲିଆ ଟର୍ଚ୍ଚଟା ମାରିଦେଲେ । ଟର୍ଚ୍ଚ ଆଲୁଅରେ ସାନ ଦେଢଶୁର ରାତ୍ରୀଚର ପ୍ରାଣୀମାନଙ୍କ ପରି ନିର୍ଜୀବ ପାଲଟିଗଲେ । ସେ ପାଟିକରି କହିଲେ : ଯୋଗୀନାଥ ତୁ ଏଠି କ'ଣ କରୁଥିଲୁ ? ତୁ ଜାଣୁ ଏଇଟା ପାପ ?

ତା'ପରେ ପାଟିକଲେ : ସାନବୋହୂ, ସାନ ବୋହୂ ।

Digitized by PPRACHIN, SOA

ବିଳାସିନୀର ଦେହରେ ଜୀବନ ନଥିଲା । ଜଡମୂର୍ତ୍ତି ପରି ଖଟରୁ ଓହ୍ଲେଇ ଠିଆ ହୋଇଥିଲା ସେ । ପିଲା ଦି'ଟା ଖଟରେ ସେମିତି ଶୋଇ ରହିଥିଲେ ।

ପାଟିକଲେ ବଡ ଦେଢଶୁର । ବାପା, ମାଆ ଆସ, ଦେଖିବ ଆସ । ପର ଝିଅକୁ ଆମେ ଦୋଷ ଦେବା କାହିଁକି ?

ସଭିଏଁ ଯେ ଯାହାର ରୁମ୍ ଭିତରୁ ବାହାରକୁ ଆସିଗଲେ । ଅନ୍ଧାରରେ ଥାଏ ବିଳାସିନୀ । ଦେଢଶୁର ଯୋଗୀନାଥ ସେମିତି ନିର୍ଜୀବ ସାପ ପରି ପଡିରହିଥାନ୍ତି ।

ସେଇଠି ନିଷ୍ପତ୍ତି ହୋଇଗଲା ବିଳାସିନୀ ଫେରିଯିବ ତା' ବାପ ଘରକୁ । ସେଇଠି ଯାହା କରୁ । ଏ ଘର ଆଉ ପାପର ଭାରା ସହିପାରିବ ନାହିଁ ।

ଯୋଗୀନାଥ ନିରୁତ୍ତର । ଯୋଗୀନାଥ ନିରୁତ୍ତର । ବିଳାସିନୀ ବି ନିରୁତ୍ତର । ଯାହା ସିଦ୍ଧାନ୍ତ ନିୟତିର ତାହାହିଁ ହେବ ।

ରାତିପାହିଲା ବେଳକୁ ଦୁଆରେ ଠିଆ ହୋଇଥାଏ ଗୋଟିଏ ଧଳାରଙ୍ଗର ବୋଲେରୋ । ବୋଲେରୋରେ ଲଦାଗଲା ବିଳାସିନୀର ସବୁ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ । ଆଗରେ ଯାଆ ଆଉ ଦେଢଶୁର ବସିଗଲେ । ପରେ ପଛ ସିଟ୍‌ରେ ସେଇ ଜିନିଷ ପତ୍ର ସହ ବସିଗଲା ବିଳାସିନୀ ।

ପାହାନ୍ତିଆ ପ୍ରହରରେ ନିଜର ଦୁଇ ସନ୍ତାନ । କିଛି ସ୍ୱପ୍ନ ଓ କିଛି ଭୋକକୁ ଛାଡି ଫେରିଯାଇଥିଲା ବିଳାସିନୀ । ପଛକୁ ଅନେଇ କେଇବୁନ୍ଦା ଲୁହ ନିଗାଡିଲା । ପଛରେ ରହିଗଲା ପ୍ରବୀଣଙ୍କ ଶବର ସନ୍ତକ ନଖ, ବାଳ, ପରମେର ପ୍ରେମ । ଆଉ ଦି'ଟା ସୁନ୍ଦର ଅମୃତ ସନ୍ତାନଙ୍କ 'ମାଆ' ଡାକ ।

ଗାଁରେ ପହଞ୍ଚିଲା ବେଳକୁ ଖରାବେଳ । କାହାକୁ କିଛି ନ ଜଣାଇ

Digitized by PPRACHIN, SOA

ଏଗାର

ପହଞ୍ଚିଛି ସେ ଗାଁରେ । ସେତେବେଳେ ବାପା ଯାଇଥିଲେ ସିନାପାଲି ବଜାରକୁ । ମାଆ ରୋଷେଇ କରୁଥିଲେ ଖରାବେଳର ଖାଇବା ପାଇଁ । ଜେଜେମାଆ ବାହାରେ ଭାଙ୍ଗ ଆଉ ଚୁନ ମିଶାଇ ହେମଦସ୍ତାରେ କୁଟୁଥିଲା, ଯାହା ତା' ମରି ଯାଇଥିବା ଜିଭରେ ପୁଣି ଫେରେଇ ଆଣୁଥିଲା ସ୍ୱାଦ । ସାନଭାଇ କଲେଜ ଯାଇଥିଲା । ଦାଣ୍ଡଦୁଆର ପହଞ୍ଚିଯାଇ କବାଟରେ ଠକ୍‌ଠକ୍ କରିଥିଲା ଯେମିତି ସେ ଜଣେ ଅପରିଚିତ ବହି ବିକାଳୀ ହାତରେ ଅଛି ଅଜଣା ଅନେକ ଶବ୍ଦ ଓ ଚିତ୍ରର ଏନ୍‌ସାଇକ୍ଲୋପେଡିଆ । ମାଆ ବିରକ୍ତରେ କହିଥିଲେ : କିଏ ? ରୋଷେଇ ଘର ଭିତରୁ । ଜେଜେମାଆ ପାଟି କରି କହିଥିଲେ : ରୁହରୁହ, କବାଟ ଖୋଲୁଛି ।

ଜେଜେମାଆ କବାଟ ଖୋଲିଲା ବେଳକୁ ଅନେଇଦେଲେ ସେମାନଙ୍କୁ ଦଣ୍ଡେ ରହିଗଲା । ଜେଜେମାଆଙ୍କ ପରଳମଡା ଆଖିରେ ସେମାନେ ଦିଶୁଥିଲେ

Digitized by PPRACHIN, SOA

ରଙ୍ଗ ଛଡା ଫଟୋ ପରି । ବିଳାସିନୀର ମୁହଁରେ ନା ଥିଲା ପାଉଡର ନା ମଥାରେ ସିନ୍ଦୂର । ଦେହରେ ନଥିଲା ରଙ୍ଗୀନ ଶାଢୀ । ହାତରେ ନଥିଲା ରୁଣୁଝୁଣୁ ବାଜୁଥିବା ଚୁଡି । ଦେଢଶୁର ଓ ଯାଆ ବି ଅନ୍ୟଥର ପରି ହସୁନଥିଲେ ଖିଲିଖିଲି । ସମସ୍ତେ ଯେମିତି ଗୋଟିଏଗୋଟିଏ ପ୍ରାଚୀନ ରଙ୍ଗଛଡ଼ା ଚିତ୍ର । ସେହି ନୀରବତାକୁ ଭାଙ୍ଗି ଜେଜେମା କହିଲେ : କୁନି ! ଆ... ଆ...ଘର ଭିତରକୁ ଆ ।

ଘର ଭିତରକୁ ଆସିଲା ପରେ ଜେଜେ ମାଆ ବି ପାଟିକରି ମାଆକୁ ଡାକିଲାନି, କହିଲାନି ଆ ଦେଖିବୁ କିଏ ଆସିଛି । ସେ ଚୁପ୍‌ଚାପ୍ ଦୋକତା କୁଟିବାରେ ଲାଗିଗଲା । ବିଳାସିନୀ ଧୀରେଧୀରେ ଅଶୁଭଗ୍ରହ ପରି ପଶିଯାଉଥିଲା ସେ ପରିବାର ଏରୁଣ୍ଡି ଡେଇଁ ରୋଷେଇଘର ଯାଏ । ରୋଷେଇଘର ଯାଏ ପଶିଯାଇ ମାଆକୁ ମୁଣ୍ଡିମାରି କହିଲା : ମାଆ ।

ମାଆ ତାଓ୍ୱାରେ ସେକୁଥିବା ଫାଳେ ବାଇଗଣ୍ଡିକୁ ଓଲଟାଇ କହିଲେ : ତୁ ? ଏମିତି କାହାକୁ ନ ଜଣାଇ ?

ଏଥର ଯାଆ ବି ମୁଣ୍ଡିଆ ମାରିଲେ ତା' ମାଆକୁ ଆଉ କହିଲେ : ସେ ଏମିତି କିଛି କାମ କରିଛି ଯେ ତା'ର ଆସିବା କଥା ଜଣାଇବାକୁ ବାଟ କାହିଁ ? ପ୍ରବୀଣ ଗଲାପରେ ଥରେ ପେଟଧୋଇଛି । ତା'ପରେ ବି ତା' ଭୋକ ଥମୁନି । ସେଇଥିପାଇଁ ଆମେ ଏଠି ତାକୁ ଛାଡିଦେଉଛୁ । ତା' କଳଙ୍କର ବୋଝ ଆମେ ଆଉ ବୋହି ପାରିବୁନି ।

ଏକଥା ଶୁଣି ମାଆଙ୍କ ପାଟିରେ ଆଉ ଭାଷା ନଥିଲା । ନୀରବ ଥିଲା ପରିବେଶ । ଦେଢଶୁର ଓ ଯାଆ ବ୍ୟସ୍ତ ହେଲେ ଫେରିଯିବାକୁ । ମାଆ କହିଲା : ଖାଇପିଇ କାଲିକୁ ଯିବେ । ରହିଯାନ୍ତୁ ତା' ବାପା ଆସୁ ।

ଦେଢଶୁର ଏତେବେଳେ ପାଟିଖୋଲି କହିଲେ : ସେ ଆମ ଝିଅ ପରି ଥିଲା । କିନ୍ତୁ ଏବେ ଦେଖୁଛି, ମୁଁ ତା'ର ଜଗୁଆଳ ଆଉ ହୋଇପାରିବି ନାହିଁ । କେତେଦିନ ନିଆଁକୁ ଘରେ ରଖିଥାନ୍ତି । ପ୍ରହ୍ଲାଦ ମଉସାଙ୍କୁ ଜଣାଇ ଦେବେ ।

ସେମାନେ ଚାଲିଗଲେ । ଚାଲିଗଲା ପରେ ମାଆ ଅନେଇ ରହିଥାଏ ବିଳାସିନୀର ମୁହଁକୁ ଆଉ ରଙ୍ଗଛଡା ଆକାଶକୁ । ଜେଜେମାଆର ହେମଦସ୍ତାରେ ଧୂଳି ହେଉଥିବା ଦୋକ୍ତା ଓ ଚୁନରୁ କଡାଗନ୍ଧ ବ୍ୟାପି ଯାଉଥାଏ ଘରସାରା । କେହି

Digitized by PPRACHIN, SOA

କାହାକୁ କିଛି କହିପାରୁନଥାନ୍ତି । ଏମିତି ବେଳେ ପହଁଚିଲା ସାନଭାଇ ରୋଶନ । ରୋଶନର ନାନୀ ଡାକରେ ଚମକିପଡିଲା ବିଳାସିନୀ । ନିଶ ଗଜୁରୁଥିବା କଲେଜ ୟୁନିଫର୍ମ ପିନ୍ଧା ଗୋଟେ ଗୋରା ତକ୍‌ତକ୍ ପାଞ୍ଚଫୁଟିଆ ତରୁଣ ତା' କୁନି ଭାଇରୋଶନ ।

ରୋଶନକୁ ଛାଡି ଯାଇଥିଲା ୪/୫ ବର୍ଷ ତଳେ ଏଇଠି । ସେ ପଢୁଥିଲା ଷଷ୍ଠରେ । ଏବେ ତା'ର ପ୍ଲସ୍‌ଟୁ ଫାଷ୍ଟ ଇୟର । ୟା' ଭିତରେ କେତେ ବଦଳିଯାଇଛି ସେ । ହାଫ୍‌ପେଣ୍ଟ୍ ପିନ୍ଧା ରୋଶନ ଏବେ ଫୁଲପେଣ୍ଟରେ କି ସୁନ୍ଦର ଦିଶୁଛି ! ବିଳାସିନୀର ଛାତିରେ ସେ ଦମ୍ଭହୋଇ ଠିଆହେବ କାଲିକୁ । ବିଳାସିନୀ ତା' ମୁଣ୍ଡରେ ହାତବୁଲେଇ ଆଖିରୁ ଦି'ବୁନ୍ଦା ଲୁହନିଗାଡି କହିଲା : ମନଦେଇ ପାଠପଢିବୁ ଭାଇ, ମୋ ପେଟକୁ ତତେ ଦାନା ଦେବାକୁ ହେବ । ମୁଁ ତୋ ଭାତରେ ଭାଗ ପକେଇବାକୁ ଆସିଯାଇଛି ।

ଜେଜେମାଆ ମେଞ୍ଚାଏ ସଜକୁଟା ଖଇନି ପାଟିରେ ଜାକିଧରି କହିଲେ : ଆଲୋ ସେମିତି କାହିଁକି କହୁଛୁ । ଭଗବାନ ତୋତେ ତ ହାତପାଦ ଦେଇଛନ୍ତି । ସିଏ ଯାକୁ ପେଟ ଦେଇଛି, ତା' ପାଇଁ ଭାତ ଖଞ୍ଜିଛି । ଏ ହେମଦସ୍ତାକୁ ଧରିଲେ ତୋ' ପେଟ ଅପୋଷା ରହିବନାହିଁ ।

କଥା ସରିନି ପହଞ୍ଚିଗଲେ ପ୍ରହ୍ଲାଦ, ଦି' ବ୍ୟାଗ୍ ପନିପରିବା ଆଳୁ, କଦଳୀ, ମୂଳା, ଗାଜର, କୋବି, କଞ୍ଚା ଲଙ୍କା, ଲେମ୍ବୁ ଆଉ ଲେଉଟିଆ ଶାଗ ଧରି । କାନ୍ଥରେ ବ୍ୟାଗ୍ ଦି'ଟା ଆଉଜେଇ ଦେଇ ଅନେଇଦେଲେ ବିଳାସିନୀକୁ । ବିଳାସିନୀର ବିଧବା ରୂପ ସେ ଏଇ ପ୍ରଥମ ଦେଖୁଛନ୍ତି । ଛାତି ଭିତରେ କିଏ ତାଙ୍କର ପିଟିଦେଇଗଲା ହାତୁଡି । ଗରମ ଲୁହା ଚାଦର ପରି ତାଙ୍କ ଛାତି ପାଇ ପାରୁନଥିଲା କିଛି ନିର୍ଦ୍ଦିଷ୍ଟ ଆକାର ।

ନିର୍ବାକ୍ ମୁହଁରୁ ତାଙ୍କର ଗୋଟିଏ ବି ଶବ୍ଦ ବାହାରି ପାରୁନଥିଲା । ସାର୍ଟକୁ ଓହ୍ଲେଇ କାନ୍ଥରେ ଟଙ୍ଗେଇ ଦେଇ ହାତରୁ ଖୋଲିଦେଲେ ଘଣ୍ଟା ଓ ମୁହଁରୁ ଚଷମା, ଯେମିତି ସେ କ୍ଳାନ୍ତ ପଥିକ ପରି ।

ଅନେକ ପ୍ରଶ୍ନ ଆସିଚି ପ୍ରହ୍ଲାଦଙ୍କ ଆଖିରେ । ହଜାରେ ପ୍ରଶ୍ନ, ତା' ଉତ୍ତର କିଏ ଦେବ ? ବିଳାସିନୀ କାଲିର ଛୁଆ । କାଲି ସକାଳେ ଫ୍ରକ୍‌ପିନ୍ଧି ବାରଣ୍ଡାରେ

Digitized by PPRACHIN, SOA

ଦୌଡୁଥିଲା । କାଲି ସକାଳେ ବାଉଁଶ ଚାଳରୁ ଉଇମାଟି ଖୁଣ୍ଟି ଖାଉଥିଲା । ସେ କ'ଣ ଏମିତି ଅସୁମାରୀ ପ୍ରଶ୍ନର ଉତ୍ତର ଦେଇପାରିବ ? ସୁନ୍ଦର ବାଲିଘର କରି ବେଳାଭୂମିରେ ଖେଳୁଥିବା ଶିଶୁଟିଏର ବାଲିଘରକୁ ସମୁଦ୍ର ଧୋଇନେଲା ପରି ପ୍ରହ୍ଲାଦ କେବଳ ଅନେଇ ରହିଥିଲେ ଆଗକୁ ।

ସେଇ ନୀରବତାକୁ ଭାଙ୍ଗି ଖୈନିର ନିଶାରେ ପ୍ରଥମେ ଜେଜେମା ହସ ଫୁଟେଇଲା ତା' ମୁହଁ । ଆଉ କହିଲା : ଆଲୋ ହେ, ରୋଶନର ମାଆ ଆଣ ଭାତ, ତରକାରୀ, ବାଇଗଣପୋଡ଼ା, ଟମାଟୋପୋଡା । ମୋ ନାତୁଣୀ ଆଜି ମୋ ସାଙ୍ଗରେ ଖାଇବ । ଦିନ ଆସି ଅଢେଇଟା ହେଲାଣି ତମମାନଙ୍କୁ କ'ଣ ବେଳ ଜଣାପଡୁନି ।

ଜେଜେମାଆର ଏତକ କଥା ଭିତରେ ଘରେ ଜମାଟ ବାନ୍ଧିଥିବା ପିଚୁପରି କଳାଦୁଃଖ ତରଳିବାକୁ ଲାଗିଲା । ମାଆ ଧୀରେଧୀରେ ସ୍ୱାଭାବିକ ହେଲେ । ଭାଇ ତା' ବରମୁଡା ପ୍ୟାଣ୍ଟ ପିନ୍ଧି ଦୁଆରକୁ ଗଲା । ବାପା ଲୁଙ୍ଗିପିନ୍ଧି ଖଳାରେ ଧୋଇଧାଇ ଦେଲେ ମୁହଁ ଦେହରେ ଲାଗିଥିବା ଦୁଃଖର ଲୁହ ।

ସେଇ ବାଇଗଣ ଟମାଟୋ ପୋଡାରେ ଲଙ୍କା ଚକୁଟୁଚକୁଟୁ ଧନିଆପତ୍ର ଟିକେ ଦଳିଦେଇ ବାସ୍ନା ଚହିଟେଇଲା ଜେଜେମାଆ । ଯେମିତି ସବୁ ଦୁଃଖ ଭିତରେ କେଉଁଠି ନା କେଉଁଠି ଲୁଚିଥାଏ ଗୋଟିଏ ସୁଖର ସରୁଖିଅ ।

ସମସ୍ତେ ଖାଇଲେ । ସମସ୍ତେ ମୁହଁହାତ ଧୋଇ ନିଜନିଜ କାର୍ଯ୍ୟ ପରିସର ଭିତରକୁ ଚାଲିଗଲେ । କେବଳ ବିଳାସିନୀ ଏଠି ନୂଆ ଏଠି ତା' କାର୍ଯ୍ୟସ୍ଥଳ ନୁହେଁ । ଏଠି ତା'ର ପରିଚୟ ନାହିଁ, ଅତିଥି ସେ ଏଠି । ଏବେ କରିବ କ'ଣ ?

ଏଇ ପ୍ରଶ୍ନ ନେଇ ସେ ମିଶିଯିବାକୁ ଚାହିଁଲା ସଭିଙ୍କ ସହ । ଦାଣ୍ଡଦୁଆରେ ଯାଇ ଠିଆ ହେଲା । ଅନେଇଲା ଗାଁକୁ, ମାଟିକୁ, ଆକାଶକୁ ।

ଚାରିପାଞ୍ଚ ବର୍ଷ କ'ଣ ଗୋଟେ ଏତେ ବଡ ସମୟ । ଅଥଚ ଏଇ ସମୟ

Digitized by PPRACHIN, SOA

ବାର

ବଦଳେଇ ଦେଇଛି ସବୁକିଛି । ରୋଶନ ବୟସର ସବୁ ପିଲାଙ୍କ ମୁହଁରେ ଲାଗିଛି ନିଶ, ସବୁ ଝିଅଙ୍କ ଛାତି ପୁରିଲାପୁରିଲା । ତାଙ୍କ ନହକା ଦେହ ସବୁ ମଜବୁତ୍ ହୋଇଯାଇଛି । ଅଗଣାରେ ଠିଆ ହେଇଥିବା ଆମ୍ବଗଛଟିରେ ଖୁନ୍ଦିଖାନ୍ଦି ହେଇଛି ବଉଳ ।

ନିର୍ମଳା ଦେଖା ହେଇଗଲା । ନିର୍ମଳା ବିଳାସିନୀ ଏକା ଶ୍ରେଣୀରେ ପଢୁଥିଲେ । ଏବେ ସେ ଏମ୍.ଏ. ଶେଷ ବର୍ଷ ପାଇଁ ପ୍ରସ୍ତୁତି ହେଉଛି । ଆଗରେ ପରୀକ୍ଷା । ସରୁ ମେଟାଲ୍ ଫ୍ରେମ୍‌ର ଚଷମା ଭିତରୁ ନିର୍ମଳା ଦେଖିପାରୁଥିଲା ବିଧବା ବିଳାସିନୀକୁ ଆଉ ନିଷ୍ପ୍ରଭ ଆଖିରେ ଅନେଇ ରହିଥିଲା ବିଳାସିନୀ ନିର୍ମଳାକୁ ।

ଅନ୍ୟମନସ୍କ ହୋଇପଡିଲା ବିଳାସିନୀ । ଯଦି ଏମିତି କିଛିବି ଘଟଣା ଘଟି ନଥାନ୍ତା ସେ ବି ନିର୍ମଳା ପରି କୌଣସି ବିଶ୍ୱବିଦ୍ୟାଳୟର ଛାତ୍ରୀ ହୋଇଥାନ୍ତା ।

Digitized by PPRACHIN, SOA

ଗ୍ରୀଷ୍ମଛୁଟି, ପୂଜା ଛୁଟି କି ଏକ୍ମାସ୍ ଛୁଟି କାଟିବାକୁ ଆସୁଥାନ୍ତା ଗାଁକୁ ।

ବିଳାସିନୀ ପୁଣିଥରେ ନିର୍ମଳାର ଦେହମୁଣ୍ଡକୁ ନିରେଖିଲା । ଏତେ ସୁନ୍ଦର ନିର୍ମଳା ! ନୀଳକଇଁ ପରି ତା' ଆଖି । ମେଘମୁକ୍ତ ଆକାଶ ପରି ପରିଷ୍କାର ତା' ମୁହଁ ଓ ମନ । ଅଥଚ ଗଙ୍ଗାପରି ଆବର୍ଜନାମୟ ବିଳାସିନୀର ମନ । ପଙ୍କପୂର୍ଣ୍ଣ ଦେହକୁ ନେଇ ବଞ୍ଚିବାକୁ ହେବ ତାକୁ ଅବଶିଷ୍ଟ ଆୟୁଷ । ଏ ଜୀବନରୁ କାଢି ଦେବାକୁ ହେବ ପଙ୍କ । ଏଇ ଦେହରେ ପୁଣି ଫୁଟେଇବାକୁ ପଡିବ ପଙ୍କଜ ।

ପଛରେ ରହିଯାଇଛନ୍ତି ତା'ର ଲବକୁଶ ପରି ଦି'ଟା ପୁଅ । ସେ ନିଜେ ମଣିଷ ହେଲେ ପୁଅ ଦି'ଟାଙ୍କୁ ମଣିଷ କରିବ । ସେଇ ଜହ୍ଲାଦମାନଙ୍କ ହାତରେ ଟେକିଦେଇଆସିଛି ପୁଅ ଦି'ଟାଙ୍କୁ, ଯେଉଁମାନେ ତା' ଦେହକୁ ଝୁଣି ଖାଇବାକୁ ବସିଥିଲେ ।

କେହି ବ୍ୟାୟାମ ପ୍ରାଣାୟମ କରି ଦିନ ଆଲୁଅରେ ଭଲଭଲ କଥା କହିଦେଲେ ସଚ୍ଚୋଟ ପ୍ରମାଣିତ ହୁଏନା । ରାତିର ଅନ୍ଧାର ଭିତରେ ଯେ ନିଜକୁ ସଂଯତ, ସଚ୍ଚୋଟ ରଖିପାରିଲା ସେ ହିଁ ଭଦ୍ର । ଭଦ୍ରମୁଖା ଓ ଖୋଳ ତଳେ ସମସ୍ତଙ୍କର ଲୁଚିରହିଛି ଗୋଟିଏଗୋଟିଏ ପିଶାଚର ରୂପ, ଯିଏ ନିଜନଖ ଓ ପଞ୍ଝା ମେଲେଇ ରାମ୍ପି ବିଦାରି ଖାଇ ଦେବାକୁ ଆଗେଇ ଆସେ ଅସହାୟ ନାରୀର ମାଂସ, ପିଇଦେବାକୁ ଚାହେଁ ନାରୀର ତାଜାରକ୍ତ ।

ସବୁ ଦୋଷ କେବଳ ଏକତରଫା ଦେଇଦେଲେ ସେ ସଚ୍ଚୋଟ ସତୀନାରୀ ହୋଇଯିବ ନାହିଁ । ସଚ୍ଚୋଟ ହେବାକୁ ହେଲେ ନିଜକୁ ପରଖିବାକୁ ପଡିବ । କାହିଁକି ତା' ଦେହ ତାକୁ ଦହନ ମାଗୁଛି ? ନିର୍ମଳା ସୁନ୍ଦର ବାର୍ବି କଣ୍ଢେଇପରି । ତା' ଦେହ କ'ଣ ଦହନ ମାଗେନି ? ନିର୍ମଳାର ଦେହମନରେ କ'ଣ ନିଆଁ ଲାଗେନା ?

ବିଳାସିନୀ ନିର୍ମଳା ପାଖରେ କଥା ହେଉହେଉ ଲୁହ ନିଗାଡିଲା । ନିର୍ମଳା

Digitized by PPRACHIN, SOA

କେବଳ ଏତକ କହିଲା : ତୁ ଫେରିଆସିଛୁ ମାଆ କୋଳକୁ । ଏଇଠୁ ଗୋଟେ ନୂଆ ଜୀବନ ଆରମ୍ଭ କର । ଏଠି ତୋର ସମସ୍ତେ ଅଛନ୍ତି । ଏଇ ନଦୀ ଅଛି, ଏଇ ଡଙ୍ଗର ଅଛି, ଏଇ ପୋଖରୀ ଅଛି, ଏଇ ପବନ ଅଛି, ଏଇ ଗଛବୃଛ ଅଛନ୍ତି । ଏମାନେ ସବୁ ଆମର ସବୁ ଆମକୁ ଆଶ୍ୱାସନା ଦେବେ । ସବୁ ଆମକୁ ଆଗକୁ ବଢ଼ିବାକୁ ବାଟ ଦେଖେଇବେ । ତୁ ଆଗେଇ ଯା । ଯାହା ଠିକ୍ ଭାବୁଛୁ କର ।

କରିବା ନ କରିବା ବଡକଥା ନୁହେଁ । ବଡକଥା ହେଲା ସେ ଏଠି ନିଜକୁ କିପରି ପରିଚିତ କରାଇବ । ତା’ ପରିଚୟ ଏଠି କେବଳ ଜଣେ ବିଧବା ନାରୀ । ପାଖଆଖ ଚାରିଖଣ୍ଡ ଗାଁରେ ପ୍ରଚାର ହେଇଯାଇଛି ପ୍ରହ୍ଲାଦର ଝିଅ ବିଧବା ହେଇ ଘରକୁ ଫେରିଆସିଛି । ସଦ୍ୟ ନନ୍ଦନକାନନ ଆସିଥିବା ଧଳାହାତୀକୁ ଦେଖିବାକୁ ଭିଡ ଲଗାଇବା ପରି ୪ ଖଣ୍ଡ ଗାଁର ଲୋକ ଭିଡ ଲଗାଇଲେ ଦେଖି ନେବାକୁ

Digitized by PPRACHIN, SOA

ବିଳାସିନୀର ବିଧବା ରୂପ ।

ଆହା, ଚୁଚୁ ଶୁଣିଶୁଣି ବୋର୍ ହୋଇଯାଉଥିଲା ସେ । ଏ ଆହା ଚୁଚୁ ଭିତରେ ବିଳାସିନୀ ପ୍ରତି ଦୟାଭାବ ନଥିଲା, ବରଂ ନିଜ ଭାଗ୍ୟକୁ ଭୟକରି ଏପରି କରୁଥିଲେ ଲୋକେ । କେହି କାହାର ଦୁଃଖ ଦେଖି ତରଳିଯାଏନା, ନିଜଭାଗ୍ୟରେ କାଳେ ସେପରି ଦୁଃଖ ଆସିଯିବ ସେଇ ଭୟରେ ସଭିଏଁ ସେପରି କରନ୍ତି । ନିଜ ପରିବାର କପାଳରେ ଏମିତି ଦୁଃଖର ଟୀକା ଲାଗିବ ନାହିଁ ତ ? ମଣିଷ ଢେର୍ ସ୍ୱାର୍ଥପର । ସେ କେବେବି କାହାକୁ ସମବେଦନା ଜଣାଇପାରେନା ।

ଏ ସବୁ ନିତିଦିନିଆ କଥା । କ'ଣ ହେଲା ? କେମିତି ମଲା ତୋ ବର ? ଶାଶୁଘର କଣ ତଡିଦେଲେ ? ଏମିତି ଅନେକ ସାଧାରଣ ପ୍ରଶ୍ନର ଉତ୍ତର ଦେଇଦେଇ ଧୀରେଧୀରେ ସେଇ ଘଟଣା ପ୍ରତି ସେ ହୋଇ ଉଠିଥିଲା ନିର୍ଲିପ୍ତ । ସେ ପରେ ଆଉ କାହାକୁ ଭେଟିବାକୁ ଚାହୁଁ ନଥିଲା । ତେଣୁ ସେ କବାଟ କଣରେ ନ ରହି ପିନ୍ଧି ନେଲା ପାଞ୍ଚ ବର୍ଷ ତଳର ତା' ସାଲଓ୍ୱାର ସୁଟ୍ ଆଉ ହାତରେ ଦି'ପଟ ପ୍ଲାଷ୍ଟିକ୍ ଚୁଡି । ଝାଡିଝୁଡି ସଫାକଲା ଜଙ୍କ ଲଗା ତା'ର ସାଇକେଲ । ଏବେ ବାହାରିଲା ବାହାରକୁ । ପାଖଆଖ ଗାଁମାନଙ୍କ ରାସ୍ତାରେ ବୁଲି ଆସିବାବେଳେ କେହି ତାକୁ କହିନାହାନ୍ତି ଯେ ସେ ବିବାହିତା, ବିଧବା । ବରଂ ଛକମାନଙ୍କରେ ବସିଥିବା ଲୋକମାନଙ୍କ ଆଖି ଆଗରେ ଗୋଟିଏ ସୁନ୍ଦରୀ ଝିଅର ଝଲକଦେଇ ଚାଲିଯାଇଛି।

ପୁଣି ତା' ରୂପ ଲାବଣ୍ୟକୁ ନେଇ ଚର୍ଚ୍ଚାଚାଲିଛି । ପୋଷାକ ସବୁ କିଛି ବଦଳେଇ ଦେଇପାରେ । ବଦଳିଗଲା ବିଳାସିନୀର ମନ । ମଣିଷର ମନ ବଦଳିବା ତା' ଜୀବନର ଗୋଟେ ଉଲ୍ଲେଖନୀୟ ଘଟଣା । ଜୀବନକୁ ଭିନ୍ନମୋଡକୁ ଦେବାରେ ମନ ହିଁ ସବୁକିଛି ।

ସେଇ ଅଳ୍ପ ପାଠପଢା ବି ତାକୁ ଆଗକୁ ନେବ ଏ କଥାସେ ଭାବି

Digitized by PPRACHIN, SOA

ନଥିଲା । ଅବଶ୍ୟ ପାଠ ଅପେକ୍ଷା ତା' ଆକର୍ଷଣୀୟ ଚେହେରାର ପ୍ରମାଣପତ୍ର ତାକୁ ଢେର୍ ସାହାଯ୍ୟ କରିଛି । ପାଖ ସହରରେ ଥିବା ଟାଇପ୍ ଇନଷ୍ଟିଚ୍ୟୁଟ୍‌ରେ ଆରମ୍ଭ କରିଦେଲା ପାଠପଢ଼ା । ଟାଇପ୍ ଶିଖିବା ଭିତରେ ସେ ଇନଷ୍ଟିଚ୍ୟୁଟର ମାଲିକଙ୍କ ସହ ପରିଚିତ ହୋଇଗଲା ।

ଟାଇପ୍ ଇନ୍‌ଷ୍ଟିଚ୍ୟୁଟର ମାଲିକ ଅନିଲ ମଙ୍ଗରାଜ । ଅନିଲ ଜାତିରେ କରଣ । ସୁନ୍ଦର ସୁଠାମ ଶରୀର । କଳାଦେହକୁ ମାଙ୍ଗ କରାବାଳ, ଚଉଡା ମୁହଁ ଓ ସରୁ ନିଶ ତାଙ୍କ ବ୍ୟକ୍ତିତ୍ୱକୁ ବେଶ୍ ମାର୍ଜିତ କରିଥାଏ । ମାର୍ଜିତ ଓ ମାପଚୁପ୍ କଥାବାର୍ତ୍ତା ବେଶ୍ ଆକର୍ଷିତ କରିବ ଯାହାକୁ ବି । ବିଳାସିନୀ ପ୍ରଥମେ ଟାଣି ହୋଇଗଲା ଅନିଲଙ୍କ ପ୍ରତି । ଅନିଲଙ୍କୁ ମାସକୁ ମାସ ଟ୍ୟୁସନ୍ ଫିଜ୍ ଦେବାକୁ ହୁଏ । ମାସକୁ ଶହେ ଟଙ୍କା କୌଣସି ମତେ ବାପାଙ୍କଠାରୁ ଆଣିଦିଏ । କିଛିଦିନ ପରେ ସେତକ ବି ଆଉ ଦେବାକୁ ପଡିଲାନି । ଅନିଲଙ୍କର ଠିକା ବ୍ୟବସାୟ । ସେ ଆର୍‌ଡି, ପି.ଡବ୍ଲୁଡି, ୱାଟରସେଡ୍‌ରେ ବିଭିନ୍ନ କାମକରନ୍ତି । ବ୍ୟସ୍ତ ଲୋକ ସେ । ଅଧିକାଂଶ ଦିନରେ ଇନଷ୍ଟିଚ୍ୟୁଟ୍‌ରେ ରହିପାରନ୍ତିନାହିଁ । ଅନିଲ ଦେଖିଲେ, ବିଳାସିନୀ ଏଥିପାଇଁ ଯୋଗ୍ୟ । ତା'ର ଏନ୍‌ଗେଜ୍‌ମେଣ୍ଟ୍ ଦରକାର । ତା'ର ଇନ୍‌କମ୍ ଦରକାର । ନିତି

Digitized by PPRACHIN, SOA

ଲୋକମାନେ ଭଲ ସେବା ଦିଅନ୍ତି । ତେଣୁ ସେ ବିଳାସିନୀକୁ ଇନ୍‌ଷ୍ଟିଚ୍ୟୁଟ୍‌ର କେୟାରଟେକର ଭାବେ ନିଯୁକ୍ତି ଦେଇଦେଲେ । ଖାଇପିଇ ମାସକୁ ହଜାରେ ଟଙ୍କା ।

ହଜାରେ ଟଙ୍କା ବହୁତ ବଡ ଟଙ୍କା ନୁହେଁ କିନ୍ତୁ ବିଳାସିନୀ ପାଇଁ ଗୋଟିଏ ବହୁତ ବଡ ପରିମାଣ । ଏଇ କିଛିଦିନ ଭିତରେ ସେ ବୁଝିସାରିଛି ଦେହ ପରି ଟଙ୍କା ବି ଗୋଟେ ନିହାତି ଜରୁରୀ ଜିନିଷ । ଟଙ୍କା ବିନା କାହା ଦେହ ଚଳିପାରିବ ନାହିଁ ।

ଇନ୍‌ଷ୍ଟିଚ୍ୟୁଟର ମାଲିକଙ୍କ ସିଟ୍‌ରେ ବସିଲା ପରେ ଇନ୍‌ଷ୍ଟିଚ୍ୟୁଟ୍‌ର ବେପାର ବଢ଼ିଛି । ଅନିଲ ଆଗଠାରୁ ଠିକାକାମ ପାଇଁ ଆଉ ଅଧିକ ସୁଯୋଗ ପାଇଛନ୍ତି । ଧୀରେଧୀରେ ବିଳାସିନୀ ଉପରେ ସେ ହୋଇଉଠିଲେ ନିର୍ଭରଶୀଳ । କୌଣସି କାରଣରୁ ବିଳାସିନୀ ଆସି ପାରିନଥିଲେ ଇନଷ୍ଟିଚ୍ୟୁଟ୍ ବନ୍ଦ ରହିଲା । ତେଣୁ ସେ ଇନଷ୍ଟିଚ୍ୟୁଟ୍ ପାଖରେ ସବୁ ସୁବିଧା ଥିବା ଗୋଟିଏ ଭଡାଘର ନେଇ ବିଳାସିନୀକୁ ରଖେଇଦେଲେ । ବିଳାସିନୀ ପ୍ରଥମେପ୍ରଥମେ ନାଇଁନାଇଁ କରୁଥିଲା । କିନ୍ତୁ ପ୍ରତିଦିନ ୫-୫ ଦଶକିଲୋମିଟର ସାଇକେଲିଂ କରିବାରୁ ତ ମୁକ୍ତିମିଳିବ । ଏଇଆ ଭାବି ସେ ରହିଗଲା ।

ପରିବାର ଠୁଁ ବାହାରେ ଏକୁଟିଆ ରହିବା ଗୋଟେ ମଣିଷ ପାଇଁ ବଡ କଥା । ନିଜକୁ ସବୁକଥା ବୁଝିବାକୁ ହେବ । ନିଜକୁ ନିଜର ଦାୟିତ୍ୱ ନେବାକୁ ହେବ ।

ଧୀରେଧୀରେ ଆରମ୍ଭହେଲା ମଣିଷ ଚାରିପାଖରେ ତା’ ପରିବେଶ । ବର୍ଷାଦିନେ ଖୋଲାପଡିଆରେ ଗଜୁରୁଥିବା ନୂଆଗଛମାନଙ୍କ ପରି ଗୋଟିଏଗୋଟିଏ ଆସବାବପତ୍ରରେ ଭର୍ତ୍ତି ରହିବାକୁ ଲାଗିଲା ସେଇ ଭଡାଘରଟି । ଖାଲି ପ୍ଲାଷ୍ଟିକ୍ ସପ ଖଣ୍ଡେରେ ଆରମ୍ଭ ହୋଇଥିବା ଘରଟି ଭିତରେ ପ୍ଲାଷ୍ଟିକ୍ ଚେୟାର ଖଟ, ସୋଫା ଡାଇନିଂ ଟେବୁଲ୍, ଫ୍ରିଜ୍, କୁଲର୍, ମିକ୍ସି, ୱାଟର୍ ଫିଲଟର, କଲର୍‌ଟିଭି, ଡି.ଟି.ଏଚ୍ ଆଣ୍ଟିନା... ଏମିତି ଗୋଟିଏ ପରେ ଗୋଟିଏ ଜିନିଷରେ ଭରିହେଇଗଲା । କେଉଁଟି କିଏ ଦେଇଛି ଧୀରେଧୀରେ ସେମାନଙ୍କ ନାଆଁ ବି ଭୁଲି ହୋଇଯାଇଛି ।

ଫ୍ରିଜ୍‌ଟା କିଣି ଦେଇଥିଲେ ଅନିଲଙ୍କ ବନ୍ଧୁ ରମେଶ ପଣ୍ଡା । ରମେଶ ପଣ୍ଡା ଜଣେ ଏ-କ୍ଲାସ୍ କଣ୍ଟ୍ରାକ୍ଟର । ଲମ୍ବା ଗୋରା ଦେହ । ଘରେ ତାଙ୍କର ସୁନ୍ଦରୀ ପରୀ

Digitized by PPRACHIN, SOA

ପରି ସ୍ତ୍ରୀ । ହେଲେ ବିଳାସିନୀ ପରି ଝିଅ ସହ ଘଣ୍ଟାଏ ଅଧଘଣ୍ଟାଏ ଗପିବାରେ ସେ ପରମତୃପ୍ତି ପାଆନ୍ତି । ଗପିବେ, ଖୁଆଇବେ ଆଉ ନିଜେ ପିଇବେ । ବେଳଅବେଳରେ ଗୋଟେ ଦି'ଟା ବୋତଲ ରଖିବା ପାଇଁ ବିଳାସିନୀକୁ କିଣିଦେଇଛନ୍ତି ସେ ଫ୍ରିଜ୍‌ଟା ।

ବିଳାସିନୀର ବସାରେ ଥିବା ସବୁ ଜିନିଷ ପଛରେ ଏମିତି କିଛି ନା କିଛି କାହାଣୀ ରହିଛି । କେବଳ ପ୍ରଥମ ପ୍ଲାଷ୍ଟିକ୍ ଚେୟାର ଖଣ୍ଡକ ସେ ନିଜେ କିଣିଛି ।

ବିଳାସିନୀ ଦେଖିଛି । ପୁରୁଷମାନଙ୍କ ପାଇଁ ନାରୀମାନେ କେବଳ ନାରୀ । ନାରୀ ଦେହର ଗୁପ୍ତଅଙ୍ଗ ପ୍ରତି ସେମାନଙ୍କ ଭିତରେ ଥାଏ ଅସୁମାରୀ ଲୋଭ । ସେ ଲୋଭ ଆଗରେ ହାରିଯାଏ, ପୁରୁଷ ଭିତରର ସାମାଜିକ ସଂପର୍କ, ଦୟା, କ୍ଷମା, ମାନବିକତା । ପୁରୁଷଟିଏ ପାଇଁ ନାରୀଟିଏ କେବଳ ନାରୀ ।

ଟାଇପ୍ ଇନ୍‌ଷ୍ଟିଚ୍ୟୁଟ୍‌ର କେୟାରଟେକର୍ ହେବା ପରେ ସେ ଦେଖିପାରୁଛି ଏକ ବିଶାଳ ଦୁନିଆକୁ । ଗାଁରୁ ମୁକୁଳିଛି ସେ । ଶାଶୁଘରୁ ବୋହୂ ହୋଇ ଫେରିଛି ସେ । ଦି'ଦି'ଟା ଛୁଆର ମାଆ ହେଇଛି । ବୁଝିଛି ପୁରୁଷ ମନତଳର କଥା । ଚିହ୍ନିଚି ସାଧୁପୁରୁଷର ଖୋଳପା ତଳର ଦେହ ଓ ମନ ।

ସେ ବି ଶିଖିଯାଇଛି କେଉଁ ଦୂରତାରୁ ପୁରୁଷ ସହ ସଂପର୍କ ରଖିବାକୁ ହୁଏ ।

ଯେକୌଣସି ପୁରୁଷ ଆସନ୍ତି ଏଇ ଇନ୍‌ଷ୍ଟିଚ୍ୟୁଟ୍‌କୁ ଆଉ ଡିଲ୍ କରନ୍ତି ବିଳାସିନୀ ସହ, ସେମାନଙ୍କ ଆଖିଥାଏ ବିଳାସିନୀର ଉତ୍ତୁଙ୍ଗ ଛାତି, ସ୍ଫୀତ ଚିବୁକ ଆଉ ବିସ୍ଫାରିତ ଓଠ ଉପରେ । କେହିକେହି ପସନ୍ଦ କରିଥାନ୍ତି ଆଖିଯୋଡାକୁ । କେହି ବାଳପଛରେ ଦିୱାନା ହୁଅନ୍ତି । ଆଉ କେତେକ ବି ତା' ନିତମ୍ବକୁ ତାରିଫ କରନ୍ତି । କେହିକେହି ତା' ଆଙ୍ଗୁଳିର ପ୍ରଶଂସା କରନ୍ତି । ପ୍ରତିଥର ପ୍ରତି ପୁରୁଷରକଥା ଶୁଣି ଚମକେ ବିଳାସିନୀ ଆଉ ଭାବେ ସତରେ କ'ଣ ତା' ଆଙ୍ଗୁଠିରେ ଭରିରହିଛି କିଛି ଅନନ୍ୟପଣିଆ । ବେଳେବେଳେ ତାକୁ ଲାଗେ ସେ କେୟାରଟେକର୍ ଚେୟାରରେ ତ ବସିନି ବରଂ ଓହଳା ହୋଇଛି ଛାଲ ଛଡାଯାଇଥିବା ଗୋଟେ ଖାସି ପରି ମାଂସ ଦୋକାନରେ । ସବୁଠି ଲୋଭ, ସବୁଠି ଆସକ୍ତି, ସବୁଠି ପୁରିଛି ଯୌନ ଆକାଂକ୍ଷା ।

ବିଳାସିନୀ ବିଧବା, ଦି'ଟା ଛୁଆର ମାଆ, ବିଳାସିନୀ ଅସହାୟା, ଏସବୁ

Digitized by PPRACHIN, SOA

ନକରାତ୍ମକ ଦିଗ ପ୍ରତି କାହାର ବି ଦୃଷ୍ଟି ନାହିଁ । ସଭିଙ୍କ ଭିତରେ ଭରିରହିଛି ଆକାଂକ୍ଷା କେବଳ ପ୍ରାପ୍ତିର ଆକାଂକ୍ଷା ।

ଦି'ଟି ପୁରୁଷ ବିଳାସିନୀର ଜୀବନ ଭିତରକୁ ପଶି ଆସିଲେ, ନା ସେପରି କହିବା ଠିକ୍ ହେବନି ବରଂ, ସେ ସେମାନଙ୍କୁ ଆମନ୍ତ୍ରଣ କରିଛି । ସେମାନଙ୍କ ସଂପର୍କକୁ ତାଜା ରଖିବା ପାଇଁ ମଝିରେମଝିରେ ପାଣି ଢାଳିଛି । ଦି'ଟି ପୁରୁଷଙ୍କ ପ୍ରସଙ୍ଗ ତା' ଜୀବନକୁ ଆନ୍ଦୋଳିତ କରେ । ଆଜି ବି ଜୀବନର ସାୟାହ୍ନରେ ସେମାନେ ମନେ ପଡୁଛନ୍ତି । ମନେପଡୁଛି ସେମାନଙ୍କ କଥା ।

ପ୍ରକାଶ ନାୟକ । ବୟସ ଚାଳିଶ ବୟାଳିଶ ହେବ । ଶ୍ୟାମଳ ବର୍ଣ୍ଣ । ଉଚ୍ଚତା ପାଞ୍ଚ ଫୁଟ ହେବ । ଜାତିରେ କରଣ । ତହସିଲ ଅଫିସରେ କିରାଣୀ । ଦରମା ବାହାରେ ରୋଜଗାର ବି ତାଙ୍କର ଢେର୍ । ବାହା ହୋଇଛନ୍ତି ବ୍ରହ୍ମପୁରରେ । ଦି'ଟା

Digitized by PPRACHIN, SOA

ଝିଅ ।

' ପ୍ରକାଶ ନାୟକଙ୍କ ସହ ପରିଚୟ ହୋଇନି ଟାଇପ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ବରଂ ଦେଖାହୋଇଛି ଗୋଟେ ଡେଲି ନିଡ୍ସ ଦୋକାନରେ । ସେ କେତେକ ଘରୋଇ ଜିନିଷ କିଣିଲା ବେଳେ ବିଳାସିନୀ ଥାକ ପାଖରୁ ଗୋଟିଏ ଏକ୍ସଟ୍ରା ଲାର୍ଜ ଷ୍ଟେଫ୍ରି ପ୍ୟାକେଟ୍ ଉଠାଇଲା । ପ୍ରକାଶବାବୁ ଏକ ଭିନ୍ନଦୃଷ୍ଟି ପକେଇ ଫିକ୍‌କିନା ହସିଦେଲେ ଆଉ ଇଂଗିତ କହିଲେ : ଲାର୍ଜ ।

ଭାରି ଅଶ୍ଳୀଳ ଲାଗିଲା ବିଳାସିନୀକୁ ଏଇ "ଲାର୍ଜ" ଶବ୍ଦ । ଘୃଣାରେ ସେ ସେଆଡେ ନ ଦେଖି ଫେରିଆସିଲା କାଉଣ୍ଟରକୁ ଆଉ ପ୍ୟାକ୍ କରି ପେମେଣ୍ଟ ଦେଇ ବାହାରକୁ ଚାଲି ଆସି ଠିଆହେଇ ରହିଲା ବାହାରେ ।

ଆକାଶକୁ ଅପେକ୍ଷା କରି ରହିଛି ଦୋକାନ ଦୁଆରେ । ଆକାଶ ସାନଭାଇ ରୋଶନର ସାଙ୍ଗ । ପ୍ଲସ୍‌ଟୁ ସାରି ପାଖ କଲେଜ୍‌ରେ ପ୍ଲସ୍‌ଥ୍ରୀ ପଢୁଥାଏ ଆଉ ବଳକା ସମୟରେ ସେଠି କମ୍ପ୍ୟୁଟର କୋର୍ସ ବି କରୁଥାଏ । ସାନଭାଇର ସାଙ୍ଗ ହେଇଥିବାରୁ ତା' ସହ କିଛି ଅଧିକ ସଂପର୍କ ବି ଥାଏ । ପାଖ ବହିଦୋକାନକୁ ଯାଇଥାଏ ଆକାଶ । ଫେରିଆସିବ ଅଳ୍ପ ସମୟରେ ।

ଏଇ ସମୟରେ ସେଇ ଭଦ୍ର ବ୍ୟକ୍ତି ବାହାରକୁ ଆସିଲେ ଆଉ କହିଲେ : ସରି ମ୍ୟାଡାମ୍ । ମୁଁ ଆପଣଙ୍କୁ ପେନ୍ ଦେଇଥିବାରୁ ସରି । ମୋର ସେମିତି କିଛି ମନ୍ଦ ଉଦ୍ଦେଶ୍ୟ ନଥିଲା ।

ବିଳାସିନୀ କେବଳ ଗୋଟିଏ ଦୃଷ୍ଟି ପହଁରାରେ ପୁଣି ଆଖି ଫେରେଇ ଆଣି କହିଲା : ଠିକ୍ ଅଛି ।

ଏଥର ସେ କହିଲେ : ଆପଣ ଚାହିଁଲେ ମୁଁ ଆପଣଙ୍କୁ ପହଁଚେଇ ଦେବି ଆପଣଙ୍କ ଘରେ ।

ବିଳାସିନୀ କହିଲା : ନା, ମୋ ଭାଇ ଆସିବ । ଏତକ ଆଳାପ ଭିତରେ ପହଁଚିଗଲା ଆକାଶ । ତା' ବାଇକ୍ ପଛରେ ବସି ବିଳାସିନୀ ଚାଲିଗଲା ଓ ଗଲାବେଳେ ପୁଣିଥରେ ବୁଲି ଦେଖିନେଲା ସେ ଭଦ୍ରବ୍ୟକ୍ତିଙ୍କୁ ।

ଆକାଶ ବିଳାସିନୀର ଭାଇର ସାଙ୍ଗ । ଘର ଏଇ ଜାଗାରୁ ୧୫/୨୦

Digitized by PPRACHIN, SOA

କି.ମି. ହେବ । ସେଇଥିପାଇଁ ଏଠି ରହି ପଢାପଢି କରୁଛି କଲେଜରେ । ଅଲଗା କୌଣସି ମେସ୍‌ରେ ରହିଥିଲେ କିଛି ଅସୁବିଧା ନଥିଲା କିନ୍ତୁ ରୋଶନ ସହ ସେ ବିଳାସିନୀର ବସାରେ ରହିଯାଉଛି । ଏମାନେ ବିଳାସିନୀ ପାଖରେ ରହିବାରୁ ବିଳାସିନୀ ବି ନିଜକୁ ଯଥେଷ୍ଟ ସୁରକ୍ଷିତ ମନେକରୁଛି । ଏମାନେ ବାହାର କାମକରି ଦେଉଥିବାବେଳେ ସେ ଘର କାମ କରିନେଉଛି । ଏମିତିରେ ଗୋଟିଏ ଅଘୋଷିତ ବିଧିବ୍ୟବସ୍ଥା ଭିତରେ ଚାଲିଛି ଏ ପରିବାର ।

ଆକାଶ ପ୍ରତି ଭାଇପରି ସ୍ନେହ ତ ନିଶ୍ଚୟ ବିଳାସିନୀର ମନ ଭିତରେ ଅଛି । ତା'ସହ କେମିତି କେଜାଣି ଗୋଟିଏ ଅଲଗା ସଂପର୍କ ଗଢିଉଠିଛି । ଆକାଶକୁ ପାଖରେ ନପାଇଲେ ତାକୁ କିଛି ଭଲଲାଗେନା । ସେ କେବେ କୌଣସି କାମରେ ବାହାରକୁ ଗଲାବେଳେ ଠିକ୍ ଏମିତି ହିଁ ଲାଗେ ତାକୁ ଯେମିତି ଲାଗୁଥିଲା ପରମେକୁ

Digitized by PPRACHIN, SOA

ନ ଦେଖିଲେ ।

ଆକାଶ ବିଳାସିନୀଠୁ ବୟସରେ ଦଶ /ବାର ବର୍ଷର ସାନ । ତେବେ ବୟସ ପ୍ରେମରେ ବାଧକ ସାଜେନା । ବିଳାସିନୀ ଆକାଶର ଅଜଣାତରେ କି ଜାଣତରେ ଭଲ ପାଇବସିଛି ତାକୁ । ଭଲପାଇବା କିଛି ମନ୍ଦକଥା ନୁହଁ କିନ୍ତୁ ଭଲପାଇବା ଭିତରେ ଯଦି ଆଉ କିଛି ଭଲ ପାଇବାର ଦ୍ୱାହି ଦେଇ ସାବ୍ୟସ୍ତ ହେବାକୁ ବସେ ତ ଭଲ ପାଇବା କଳଙ୍କିତ ହୁଏ ।

ଥରେ ଗାଁରେ ମାଆଙ୍କ ଦେହ ଭଲ ନଥାଏ । ରୋଶନ ଔଷଧପତ୍ର ଧରି ଗାଁକୁ ଚାଲିଗଲା । ସେଠାରେ ସେଦିନ ରହିଗଲା । ବିଳାସିନୀର ଶିବିରରେ ସେଇ ରାତିକ ପାଇଁ ଆକାଶ ଓ ସେ । ଆକାଶଙ୍କୁ ସେ ଭଲପାଏ । ଆକାଶର ଶକ୍ତ ବାହୁ ତାକୁ ପସନ୍ଦ ଲାଗେ । ଆକାଶର ଚଉଡା ମୁହଁ ତାକୁ ଭଲଲାଗେ । ଆକାଶର ମୋଟା ନିଶ ଆଉ ଘଞ୍ଚକଳା ବାଳ ପ୍ରତି ତା'ର ଦୁର୍ବଳତା ରହିଛି ।

ସଞ୍ଜ ନଇଁବା ବେଳକୁ ପହଁଚିଗଲେ ରମେଶ । ସାଙ୍ଗରେ ସେଦିନ ଛ'ଟା ନାନ୍ ଓ ତିନି ପ୍ଲେଟ୍ ଚିଲି ଚିକେନ୍ । ଥୋଇଦେଲେ ବିଳାସିନୀଙ୍କ ବସାର ଟେବୁଲ ଉପରେ । ଆଉ କହିଲେ - ପିଙ୍କି, ଆଜି ଟିକେ ଚାହାକର । ରମେଶ ବିଳାସିନୀକୁ ପିଙ୍କି ନାଆଁରେ ଡାକନ୍ତି । ବିଳାସିନୀ ନାଆଁଟା ତାଙ୍କୁ ଭଲ ଲାଗେନା । ଏତେ ଲମ୍ବା ଚଉଡା ଟ୍ରେଡିସ୍‌ନାଲ ନାଆଁ ତାଙ୍କୁ ଜମା ଭଲଲାଗେନା । ସେଇଥିପାଇଁ ସେ ଏ ନାଆଁ ଦେଇଛନ୍ତି । ତା'ଛଡା ତାଙ୍କ ଗତଦିନର ପ୍ରେମିକା ଥିଲା ପିଙ୍କି । ତା'ର ସ୍ମୃତିକୁ ଜୀବିତ ରଖିବା ପାଇଁ ଇଏ ବି ତାଙ୍କର ଗୋଟେ ଫିକର ।

ରମେଶ ବସିଗଲେ ଆରମ୍ଭ ହୋଇଯାଏ ଆସର । ସିଗାରେଟ୍ ଧୂଆଁ ସାଥୀରେ ମିକ୍ସଚର, ଆଳୁଚିପ୍‌ସ, କୁରକୁରି ପ୍ୟାକେଟ୍ ପରେ ପ୍ୟାକେଟ୍ ଖୋଲାହୁଏ । ଗପର କଥା ଭିତରେ କେତେବେଳେ ଫୁଲ ତ କେତେବେଳେ ଗନ୍ଧମୟ ପଚା ଶବ୍ଦଟି ପଶି ଆସେ । ଆକ୍‌ତାମାକ୍‌ତା ହୋଇଯାଏ ବିଳାସିନୀ । କେତେବେଳେ ଗପର ଖିଅ କୁଆଡେ ଯାଉଯାଉ ଆସି ଅଡୁଆ ହୋଇ ବିଳାସିନୀକୁ ଗୁଡାଇପକାଏ । କଥା ଭିତରେ ଉପକଥାଟିଏ ହୋଇ ଉଠେ ବିଳାସିନୀ । ମଝିରେମଝିରେ ବିଳାସିନୀ ରୂପ ବର୍ଣ୍ଣନା ତ ଗୁଣ ବର୍ଣ୍ଣନା ହୁଏ । ଦି'ଟି ଆଖି ତାଙ୍କର ଅତୃପ୍ତହୋଇ ଲାଗିରହିଥାଏ ବିଳାସିନୀ ଓଠ ଓ ଉତ୍ତୁଙ୍ଗ ଛାତିରେ । ବିଳାସିନୀର ରଡ ନିଆଁ ପରି ଆଖି ଦି'ଟିକୁ

Digitized by PPRACHIN, SOA

ଦେଖିଦେଖି ଉଷ୍ଣୁମ ହୋଇଯାଉଥାନ୍ତି ସେ ।

ରମେଶଙ୍କର ସ୍ତ୍ରୀ ଖୁବ୍ ସୁନ୍ଦରୀ । ଅଥଚ ତାଙ୍କ ଆଖି ଏମିତି ବିଳାସିନୀ ଉପରେ ଲାଗି ରହୁଛି କାହିଁକି କେଜାଣି ? ଭାବିଲାବେଳେ ସେ ଅତିଷ୍ଠ ହୋଇଯାଏ । ପୁରୁଷମାନେ ସବୁ ପାଇ ବି ଅତୃପ୍ତ ହୁଅନ୍ତି କାହିଁକି ? ବେଳେବେଳେ ତାକୁ ଲାଗେ ପୁରୁଷମାନଙ୍କ ଏଇ ଅତୃପ୍ତପଣିଆ ହିଁ ତାଙ୍କର ପୁରୁଷପଣିଆ ।

ରାତି ଗାଢ଼ ହେଉଥିଲା । ବିଳାସିନୀର କିଛି ରାନ୍ଧିବାର ନଥାଏ । ଟେବୁଲ ଉପରେ ପ୍ୟାକ୍‌ହୋଇ ରହିଥାଏ ଗରମଗରମ ନାନ୍ ଆଉ ତାଜା ଚିଲି ଚିକେନ୍ ।

ରମେଶଙ୍କ କଥାରେ କେବେ ପୂର୍ଣ୍ଣଛେଦ ପଡେନି ବରଂ ସେଠି ପୂର୍ଣ୍ଣଛେଦ ପକାଇବାକୁ ହୁଏ । ବିଳାସିନୀ ଅନେଇଛି, ସେପଟ ରୁମରେ ଶୋଇପଡିଲାଣି ଆକାଶ । ପାଟିକରି କହିଲା : ଆକାଶ ତୁ କଣ ଛୋଟପିଲା ହୋଇଛୁ । ଏମିତି ଶୋଇପଡୁଛୁ । ଖାଇକି ଶୋ ।

ରମେଶ ଏଥର ଉଠିଲେ । ଏତକ କଥା ହୁଏତ ରମେଶଙ୍କ କଥାରେ ଗୋଟିଏ ବିରାମ ଚିହ୍ନ ସୃଷ୍ଟି କରିପାରିଲା । ରମେଶ ବିଳାସିନୀ ହାତକୁ ଜାବୁଡି ଧରି କହିଲେ : ଓଃ ପିଙ୍କି ଗୁଡ୍‌ନାଇଟ୍ ।

ବିଳାସିନୀ କହିଲା : ସେମିତି କେମିତି ହେବ । ଆପଣ ଆମ ସହିତ ଖାଇକି ଯିବେନା ।

ନା, ନା ମୋତେ ବାଧ୍ୟକରନା । ମୋର ରାତି ଖାଇବାକୁ ମୋ ସ୍ତ୍ରୀ ଅପେକ୍ଷାରେ ଥିବେ । ସେ ମୋ ସହ ଖାଆନ୍ତି । ରମେଶ କହିଲେ ।

ହସିଦେଇ ବିଳାସିନୀ କହିଲା : ହଁ, ଯେ ଟିକେଟିକେ କହୁକହୁ ଖୋଲି ପକେଇଲା ଚିଲି ଚିକେନ୍ ପ୍ୟାକେଟ୍‌ଟା । ପ୍ୟାକେଟ୍ ଭିତରୁ ଗୋଟେ ଲେଗ୍ ପିସ୍ ଆଣି ଖୁଆଇଦେଲା ରମେଶଙ୍କୁ । ରମେଶ ପରମତୃପ୍ତିରେ କାମୁକପୁରୁଷ ପରି ଝାମ୍ପି ପଡିଲେ ବିଳାସିନୀର ହାତଆଡକୁ । ତାଙ୍କୁ ଲାଗୁଥିଲା ବିଳାସିନୀ ଏଇ ଚିକେନ୍ ପିସ୍‌କୁ ପ୍ରତୀକ କରି ଯେମିତି ଅଜାଡି ଦେଉଛି ପ୍ରେମ । ଚିକେନ୍ ପିସ୍ ଖାଇବା ପରେ ବିଳାସିନୀର ହାତରେ ଲାଗିଥିବା ତେଲ ଓ ମସଲାକୁ ବି ଚାଟିଚୁଟି ସଫା କରିଦେଲେ ଗୋଟେ ମାଂସଲୋଭୀ ଡାହାଳ ପରି ।

ରମେଶଙ୍କର ଦେହ ଓ ମୁହଁ ଦିଶୁଥାଏ ଖୁବ୍ ଅସହାୟ । ଘରେ ସୁନ୍ଦରୀ

Digitized by PPRACHIN, SOA

ଶିକ୍ଷିତା ପତ୍ନୀ, ପୁତ୍ର ଓ କନ୍ୟା । ପଛରେ ଅଛି ଗୋଟେ ବିରାଟ ଆଭିଜାତ୍ୟ । ତାଙ୍କ ବ୍ୟକ୍ତିତ୍ୱ ଖୁବ୍ ଆକର୍ଷଣୀୟ । ଦଶ ପାଞ୍ଚ ଲୋକ ତାଙ୍କ କଥାରେ ଆଗେଇ ଆସନ୍ତି ଯେକୌଣସି ମୁହୂର୍ତ୍ତରେ । ଅଥଚ କେତେ ଅସହାୟ ସେ ।

ପୁରୁଷମାନେ ନାରୀ ନିକଟରେ ଏମିତି ଅସହାୟ ହୋଇଉଠନ୍ତି କାହିଁକି ? କାହିଁକି ନାରୀ ଦେହ ଲୋଭରେ ବାଜ୍ୟାପ୍ତି କରିଦିଅନ୍ତି ସର୍ବସ୍ୱ ? ଏଇ ପ୍ରଶ୍ନ ବିଳାସିନୀର ଅଳ୍ପ ବୁଦ୍ଧିଯୁକ୍ତ ମସ୍ତିଷ୍କକୁ ଆନ୍ଦୋଳିତ କରିଛି ତା' ନିକଟରେ ବୁଦ୍ଧିଜ୍ଞାନ ସାର୍ଟିଫିକେଟ୍ ନଥାଇ ସେ ବଡ ହୋଇଛି । ତା'ର ହଲେ ଉନ୍ନତ ବକ୍ଷୋଜ, ଦି'ଟା କଥାକୁହା ଆଖି, ସରୁ ନାକ ଆଉ ଫର୍ଚ୍ଚା ମୁଖମଣ୍ଡଳ ବଦଳରେ ପାଇପାରିଛି ସବୁ ଯୋଗ୍ୟତା ।

ବିଳାସିନୀ କେବେ ଭାବି ନଥିଲା ଦିନେ ସେ ଏମିତି ପୋଜିସନ୍‌କୁ ଆସିଯିବ ?

ରମେଶଙ୍କ ଫୋନରେ ପହଁଚିଲା ତାଙ୍କ ପରିଚିତ ରିଂ ଟୋନ୍‌ରେ । ଚମକିପଡି କହିଲେ : ସରି ପିଙ୍କି ମୁଁ ଆସୁଛି ।

ରମେଶ ଚାଲିଗଲେ ।

ଭିତରେ ଶୋଇପଡିଛି ଆକାଶ ।

ଟେବୁଲ ଉପରେ ଅଧାଖୋଲା ଅବସ୍ଥାରେ ରହିଛି ଗରମଗରମ ଚିଲିଚିକେନ୍ । ନାନ୍ ପୁଟୁଳା ଖୋଲା ହୋଇନି । ରାତି ଅଧିକ ହେଲାଣି ।

ଏମିତି ସବୁଦିନ । କେହିକେହି ନା କେହି ପୁରୁଷ ରାତିଅଧଯାଏ

Digitized by PPRACHIN, SOA

ହୁଏତଭି

ବସିରହିଥାନ୍ତି ବିଳାସିନୀ ପାଖରେ । ଅସହାୟ ହୋଇଉଠେ ସେମାନଙ୍କ ଚେହେରା, ଅବ୍ୟକ୍ତ ରହିଯାଏ ତାଙ୍କ ମନତଳର କଥା । ହେଲେ କିଛି ଅବୁଝା ରହେନି ବିଳାସିନୀ ନିକଟରେ । ସେ ହୋଇଯାଏ ଗାଁ ପୋଖରୀ ଆଉ ସେମାନେ ହୋଇଯାନ୍ତେ ସ୍ନାନରତ କୌତୁକପ୍ରିୟ ଉଦଣ୍ଡ ବାଳକ ।

ଗୋଟିଏ ଡାକରେ ଆକାଶ ଧଡପଡ ହୋଇ ଉଠିପଡିଲା । ମୁହଁହାତ ଧୋଇଆସି ବସିଗଲା ତଳେ ପେପରଖଣ୍ଡେ ପକେଇ ଖାଇବାକୁ । ବିଳାସିନୀ ନାନ୍ ଓ ଚିକେନ୍ ପୁଡିଆଟା ଥୋଇଦେଇ ଖଣ୍ଡେ ପେପର ଉପରେ ବସି ଦି'ଟା ନାନ୍ ଆଉ ଜରିରେ କିଛି ଚିକେନ୍ ରଖିଦେଲା । ଆକାଶ ଥାଉଥାଉ କହି ନାନ୍ ଛିଣ୍ଡେଇବାକୁ ଲାଗିଲା ।

ବିଳାସିନୀ ବି ସେଇଠି ସାରିଦେଲା ଖାଇବା । ପୁଟୁଳା ଭିତରେ ଆହୁରି

Digitized by PPRACHIN, SOA

ରହିଗଲା ନାନ୍ ଆହୁରି ରହିଗଲା ଚିକେନ୍ । ସେମିତି ପଡିରହିଲା ସକାଳଯାଏ । ଉଠି ପଡିଲେ ଦିହେଁ ହାତ ପାଟିଧୋଇ ଆକାଶ ତା' ବିଛଣାରେ । ବିଳାସିନୀ ତା' ବିଛଣାରେ, ଯେ ଯାହାର ।

ଆକାଶ ତ ଶୋଇପଡିଛି । ହେଲେ କ'ଣ ହେଲା କେଜାଣି ବିଳାସିନୀ ଉଠିଗଲା ଆକାଶର ଖଟ ଉପରକୁ । ଶୋଇପଡିଲା ଆକାଶ ସହ । ଆକାଶକୁ କୁଣ୍ଡେଇ ତା' ସ୍ଫୀତବକ୍ଷ ଭିତରେ ମୁହଁ ଗୁଞ୍ଜିଦେଲା ।

ଆକାଶର ନିଦ ଭାଙ୍ଗିଗଲା । କହିଲା - ନାନୀ ?

- ମୋତେ ଖୁବ୍ ଡର ମାଡୁଛି ରେ ।

- ମୁଁ ଅଛି ନାନୀ ତମେ ଡରୁଛ କାହିଁକି ?

ଆକାଶ ଭିତରେ ବିଳାସିନୀ ପ୍ରତିଥିବା ଦୟାଭାବ ଆହୁରି ଘନୀଭୂତ ହେଲା । ଜଣେ ଅଳ୍ପ ବୟସର ନାରୀ ଜୀବନରେ ଆସିଥିବା ଅଦିନିଆ ଝଡ ଯେ ତାକୁ ଡାଳପତ୍ର ହୀନ ଥୁଣ୍ଟାଗଛ କରିଦେଇଛି ଏକଥା ସେ ଜାଣେ । ତା'ବିଶ୍ୱାସ, ସାହସର ଚେରମାନେ ମାଟିରୁ ଦୁର୍ବଳ ହୋଇଯାଇଛି, ଏକଥା ବି ସେ ଜାଣେ । ଭୟ ଲାଗିବା ସ୍ୱାଭାବିକ ।

ଏଥର ବିଳାସିନୀ ଖୁବ୍ ଆରାମରେ ଶୋଇରହିଲା ଆକାଶର ଛାତି ଉପରେ ।

ବିଳାସିନୀର ମନ ଭିତରେ ପୁଣି ଜଳିଉଠିଲା ସେଇ ନିଆଁ । ଢେର ବର୍ଷ ପରେ ଜଣେ ପୁରୁଷର ଉଷୁମ ଦେହରେ ସ୍ପର୍ଶ ପାଇଛି ସେ । ପୁରୁଷ ଦେହ ଉଷୁମ ବାସ୍ନା ଚରିଗଲା ତା' ଦେହ ମନକୁ ।

ଏଇ ନିଆଁ ଯେ ତା'ର ସମଗ୍ର ଶିଥିଳଶରୀରକୁ ପୁଣି ଚଳଚଞ୍ଚଳ କରେଇଦେଲା । ପୁଣି ଜୀବନରେ ଭରିଦେଲା ତା'ର ପୁଲକ । ବଗିଚାରେ ପତ୍ରଝଡା ହେଇଥିବା ଗଛମାନଙ୍କର ଅଗ୍ରପତ୍ର ସବୁ ପଲ୍ଲବିତ ହେବାକୁ ଲାଗିଲା ।

ବିଳାସିନୀ ସ୍ୱପ୍ନରାଜ୍ୟରେ ପୁଣି ଘୂରିବୁଲିଲା । ସେ ସ୍ୱପ୍ନ କେବେ ଆଗରୁ ଆସିନଥିଲା ଜୀବନରେ ଏଇ ବିଗତ ବର୍ଷମାନଙ୍କ ଭିତରେ ଘଟିଛି ଅନେକ ଘଟଣା । କେଉଁଠି ସେ ଘଟାଇଛି ତ ଘଟଣା, କେଉଁଠି ଲୋକେ । କେଉଁଠି ଘଟଣାମାନ ଆପେଆପେ ଘଟଣା ହୋଇ ପଶିଆସିଛନ୍ତି ତା' ଜୀବନ ଭିତରକୁ । ଘଟଣାବହୁଳ ଏଇ ଜୀବନ ଭିତରେ ସେ ହିଁ ପ୍ରଥମ ଘଟଣା ଘଟାଇବାକୁ ଯାଉଛି ।

Digitized by PPRACHIN, SOA

ସ୍ୱପ୍ନ, ବିଳାସିନୀର ଆଖିର ଆକାଶକୁ ନେଇ ଖୁନ୍ଦି ହୋଇଗଲା ତାରାଫୁଲର ସ୍ୱପ୍ନ । ମେଘମୁକ୍ତ ନିର୍ମଳ ଆକାଶରେ ଘୋଟିଥିବା ତାରାଫୁଲଙ୍କ ଖୁସିର ବନ୍ୟା ପରି ସେ ଉଲ୍ଲସିତ ହୋଇଛି । ଭାବିଛି । କହିଛି ଆକାଶକୁ । ଆକାଶ ବିନା ଦଣ୍ଡେ ବଞ୍ଚିବା ଅସମ୍ଭବ ହୋଇଉଠିଲା ।

ଏଥର ଆକାଶ – ତା' ସଂପର୍କ ନିଭୃତ ଶୟନ କକ୍ଷରେ ସୀମିତ ନ ରହି ଲୋକାର୍ପିତ ହୋଇଗଲା ଆଲବମ୍ ପରି । ସଭିଏଁ ଜାଣିଲେ ସବୁଠି ଚର୍ଚ୍ଚା ହେଲା ବିଳାସିନୀ ଆଉ ଆକାଶର କଥା । କିଏ ବିଳାସିନୀକୁ ଜଘନ୍ୟ ନାରୀ ବୋଲି କହିଲା ତ କିଏ ଆକାଶକୁ ଜଘନ୍ୟ କଳାକାର ଭାବେ ଚିତ୍ରିତ କରାଇଲା ।

ଏଇ ଘଟଣା କ୍ରମଶଃ ତା' ପେଟପାଟଣାକୁ ପ୍ରଭାବିତ କଲା । ପ୍ରଭାବିତ କଲା ଜୀବନ ଜଞ୍ଜାଳକୁ ବି । ଏଇ ସମାଜରେ କାହାର କିଛିଘଟଣା ଘଟିଲେ ଅନ୍ୟମାନେ ଦର୍ଶକ ହୋଇ ନାନା ଟୀକା ଟିପ୍ପଣୀ କରନ୍ତି । ମଞ୍ଚ ଉପରେ କଳାକାରଟିଏ ତା' କାହାଣୀକୁ ନେଇ କାନ୍ଦୁଥାଏ, ଆଉ ମଞ୍ଚ ଚତୁଃପାର୍ଶ୍ୱରେ ଦର୍ଶକମାନେ ବିଭୋର ହେଉଥାନ୍ତି ସେହି ଦୃଶ୍ୟ ଉପଭୋଗରେ ।

ବିଳାସିନୀ କଳାକାରର ଜୀବନ ଜିଇଁଚି । ଅନ୍ୟର ହସକାନ୍ଦରେ ନିଜେ ହସିଚି ନିଜେ କାନ୍ଦିଚି । ପେଟ ତଳକୁ ବାଜିଲଗେଇ ପୁରେଇଛି ପେଟ । ଗାଁରେ ଛାଡ଼ି ଆସିଥିବା ବାପା, ମାଆ, ଭାଇ, ଜେଜେମାଆଙ୍କ ପାଇଁ ସେ ହେଇ ଉଠିଥିଲା ଦୁହାଁଳିଆ ଗାଈ । କିନ୍ତୁ ଦିନେ ସବୁକିଛି ଉଜୁଡ଼ିଗଲା ।

ପୁରୁଷମାନେ ଅଣ୍ଡିରା ମାଙ୍କଡ ପରି । ଗୋଟିଏ ମାଙ୍କଡ ଦଳରେ ଜଣେ ପୁରୁଷ ବା ବୁଢ଼ାମାଙ୍କଡ ଯେମିତି ଆଉ ଗୋଟିଏ ଅଣ୍ଡିରା ମାଙ୍କଡର ଉପସ୍ଥିତି ସହିପାରେନା ସେମିତି ହେଲା । ପୁରୁଷମାନଙ୍କ ସହ ତା'ର ସଂପର୍କ ଅସହ୍ୟ ହୋଇ ଉଠିଲା ଟାଇପ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମାଲିକଙ୍କ ପାଇଁ । ସେ ବିଳାସିନୀକୁ ଅନେକବାର ତାଗିଦ୍ କଲାପରେ ଦିନେ ଋବି ପକାଇ ଦେଲେ ଇନ୍‌ଷ୍ଟିଚ୍ୟୁଟ୍‌ରେ ।

କୌଣସି କୌଣସି କମ୍ପାନୀ କେଉଁ କାରଣରୁ ତାଲା ପକାଇଦେଲେ ଯେମିତି ସର୍ବହରା ହୋଇଯାନ୍ତି କମ୍ପାନୀର କର୍ମଚାରୀ ସେମିତି ହୋଇଗଲା ବିଳାସିନୀ । ଇନ୍‌ଷ୍ଟିଚ୍ୟୁଟ୍‌ର ମାଲିକ ଦେଉଥିବା ଟଙ୍କାରେ ଯେ ବିଳାସିନୀ ଚଳୁଥିଲା ତାହା ଡାହା ମିଛ । ବିଳାସିନୀ ନିଜ ବୁଦ୍ଧିବଳରେ ଜିତି ଚାଲିଥିଲା ଖେଳ । ହେଲେ ଯେଉଁ ଖେଳ

Digitized by PPRACHIN, SOA

ସେ ଖେଳୁଥିଲା ତାହା ଦୋକାନ ଖୋଲି ବୋର୍ଡମାରିବା ପରିନୁହଁ । ଇନ୍‌ଷ୍ଟିଚ୍ୟୁଟ୍‌ର କେୟାରଟେକର୍ ପଦବୀ ଥିଲା ତା'ର ମୁଖା । ମୁଖାଟା ଖସିପଡିଲେ ଯେମିତି ଅଭିନେତା ନଙ୍ଗଳା ହୋଇପଡେ ସେମିତି ହେଲା ବିଳାସିନୀ !

ଦିନେ ପେଡିପୁଟୁଳାବାନ୍ଧି ଫେରିଗଲା ଗାଁକୁ । ଗାଁରେ ଯେମିତି ଶାଶୁଘରୁ ଆସିଲାବେଳେ ଲୋକେ ଦେଖିବାକୁ ଆସିଥିଲେ ସେମିତି ଆସିଲେନି । ବରଂ କୁହାକୁହିହେଲେ ସହରରେ ଇଏ ଗୋଟେ ବେଶ୍ୟାଳୟ ଚଳାଇଥିଲା ।

ଲୋକେ ବହୁତ କିଛି କହିପାରନ୍ତି, କାରଣ କହିବାରେ କିଛି ଖର୍ଚ୍ଚ ହୁଏ ନାହିଁ ।

ଏବେ ଘରିଆଡ ଅନ୍ଧାର ଦିଶିଲା ବିଳାସିନୀର ବାପାକୁ । ବିଳାସିନୀର ମାଆ ପାଇଁ ବୋଝପାଲଟିଲା ସେ । ପୁଣି ବିଳାସିନୀ ଦେହରୁ ବାହାରିଲା ତା' ପୁରୁଣା ବାସ୍ନା ପରଫ୍ୟୁମ୍ ସବୁ ତା' ଭେନିଟିରୁ ସରିବା ପରେ ।

ବିଳାସିନୀ ଅନେଇ ରହିଲା ସେ ଦୃଶ୍ୟକୁ । ଠୁମୁରୀ ଆଉ ବିମାନ ଦେହ

Digitized by PPRACHIN, SOA

ଅଠର

ପାଇଁ ପରର ହୋଇଗଲେ । ଚନ୍ଦୁଲାଲ୍ ବୁଢା ହେଲାଣି ଅଥଚ ତା' ଦେହରେ ଥିବା ଅଜଗରଟା କାତି ଛଡାଇ ବାରମ୍ବାର କେଉଁ ନା କେଉଁ ନାରୀକୁ କବଳିତ କରିଛି । ବିଳାସିନୀ ପେଟରେ ଆଉ ଭୋକ ନାହିଁ, ଅଥଚ ପେଟତଳର ନିଆଁ ଜଳୁଛି, ଯେଉଁ ନିଆଁ ଜଳୁଛି ସାରା ସଂସାରର ପୁରୁଷ ଓ ନାରୀଙ୍କ ଦେହରେ ।

ନିଆଁ ପବିତ୍ର । ନିଆଁ ଆଲୋକ ଦିଏ । ନିଆଁ ଅନ୍ଧାରକୁ ଲିଭେଇ ଦିଏ । ନିଆଁ ମଣିଷକୁ ବଞ୍ଚିବା ପାଇଁ ଖୋରାକ୍ ଯୋଗାଏ । ନିଆଁ ସଭ୍ୟତାକୁ ଆଗକୁଆଗକୁ ଓ ଆହୁରି ଆଗକୁ ନେଇଯାଏ । ସେଇ ହାଡଭଙ୍ଗା ଶୀତରେ ବିଳାସିନୀ ପୁଣିଥରେ ଫୁଙ୍କି ଚାଲିଲା ଉହ୍ମେଇକୁ ଦିକିଦିକି କରି ଆଉଟିକେ ନିଆଁଝୁଲ ଦେହରେ ଜଳେଇବାକୁ ।

Digitized by PPRACHIN, SOA

Digitized by PPRACHIN, SOA